Annual Subscription Rs. 50.00 only

# ମାତୃଭବନ ପତ୍ର

ମାସିକ ଶିକ୍ଷା ଓ [illegible] ପତ୍ରିକା

ଷଡ୍‌ତ୍ରିଂଶ ବର୍ଷ ◆ ପ୍ରଥମ ସଂଖ୍ୟା ◆ ଜୁନ୍ ୨୦୨୬

Whatever your needs they can be borne and cured only by the Divine.

**(Bulletin-Feb 67)** **- The Mother**


ଯାହାକିଛି ତୁମର ଆବଶ୍ୟକତା ରହିଛି ତାହା କେବଳ ଭଗବାନଙ୍କ ଦ୍ୱାରାହିଁ ପୂରଣ ହେବ ।

– ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

# ସାଙ୍ଗଠନିକ ଗୋଷ୍ଠୀର ଯାତ୍ରା ପଥ




ଜୁଲାଇ ୧ (ଢ଼େଙ୍କାନାଳ ଜିଲ୍ଲା) ଠାରୁ
ଜୁଲାଇ ୩୦ (କଟକ ଜିଲ୍ଲା) ପର୍ଯ୍ୟନ୍ତ

# ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ

ଆପଣଙ୍କ ନୂତନ ଘରେ ପାଠଚକ୍ର ବାର୍ଷିକ ଉତ୍ସବ ହୋଇଥିବା ଶୁଣି ଖୁସି ହେଲି। ମା'ଙ୍କ କୃପାରୁ ଆପଣମାନେ ଭଲରେଥିବେ। ଆପଣମାନେ 'ମା' ଏହି ନାମ ଅଧିକରୁ ଅଧିକ ଜପ କରୁଥିବେ। ସମସ୍ତ କର୍ମ ମା'ଙ୍କ ସେବା ଭାବରେ କରି ତାଙ୍କରି ଚରଣରେ ସମର୍ପଣ କରୁଥିବେ। ବର୍ତ୍ତମାନ ଯେଉଁ ବନ୍ୟା ପ୍ରଭୃତି ପ୍ରକୃତିର ବିପର୍ଯ୍ୟୟ ହେଉଛି ଏହାର କାରଣ ହେଲା ଯୁଗ ପରିବର୍ତ୍ତନ। ପୂର୍ବର ନୈତିକ ଧର୍ମ ସମ୍ପୂର୍ଣ୍ଣରୂପେ ଭାଙ୍ଗିଯାଇଛି। ଲୋକଙ୍କର ଅଧର୍ମ ଆଚରଣକୁ ଆଉ ଭୟ ନାହିଁ। ନୈତିକତା ଭାଙ୍ଗି ଯିବାରୁ ବିରୋଧୀ ଶକ୍ତି ସୁଯୋଗ ପାଇ ବ୍ୟକ୍ତିକୁ ଅନ୍ୟାୟ ଅସତ୍ୟ ମାର୍ଗରେ ପରିଚାଳିତ କରୁଅଛନ୍ତି। ଯାହାଦ୍ୱାରା ଆଗମନୀ ଅତିମାନସ ସତ୍ୟ ପ୍ରତିଷ୍ଠା ହେବାରେ ବାଧା ପାଉଅଛି। ଏହାରି ପ୍ରତିକ୍ରିୟା ରୂପେ ପ୍ରକୃତିର ବିପର୍ଯ୍ୟୟ ଘଟୁ ଅଛି। ଏହା ଅପେକ୍ଷା ଆହୁରି ଅଧିକ ଘଟିବ। ବ୍ୟକ୍ତି ଅନ୍ୟ ରାସ୍ତା ନପାଇ ବାଧ ହୋଇ ସତ୍ୟର ଆଶ୍ରୟ ନେବ। ବ୍ୟକ୍ତି ସ୍ୱଇଚ୍ଛାରେ ସତ୍ୟ ଗ୍ରହଣ ନକଲେ ବାଧ ହେବ ସତ୍ୟ ଗ୍ରହଣ କରିବାକୁ।

ଯେଉଁମାନେ ସତ୍ୟର ଆଶ୍ରୟ ନେଇଛନ୍ତି ସେମାନେ ଅଧିକରୁ ଅଧିକ ମା'ଙ୍କ ଚରଣରେ ସମର୍ପଣ କରିବା ତଥା ତାଙ୍କ ନାମଜପ କରିବା ଉଚିତ। ଏମାନେ ଯେତେ ମା'ଙ୍କ ନିକଟତର ହେବେ ମା'ଙ୍କ ଶକ୍ତିଦ୍ୱାରା ସେମାନେ ସେତେ ସୁରକ୍ଷିତ ରହିବେ ଏବଂ ସେମାନଙ୍କ ମଧ୍ୟଦେଇ ମା'ଙ୍କ ଶକ୍ତି ସଂସାରରେ ଅଧିକ କାର୍ଯ୍ୟ କରିପାରିବ। ଏହି ସମୟରେ ମା'ଙ୍କ କାର୍ଯ୍ୟ ଅଧିକରୁ ଅଧିକ ହେବା ଉଚିତ।

**୧୩.୯.୭୮**

ଆପଣମାନେ ମା'ଙ୍କ କାର୍ଯ୍ୟ ସକାଶେ ପୂର୍ବ ନିର୍ଦ୍ଧାରିତ ହୋଇଛନ୍ତି କିନ୍ତୁ ମୃତ୍ୟୁପୁରୀର ନିୟମ ଅନୁସାରେ ବାଧାବିଘ୍ନ ସ୍ୱାଭାବିକ ରୂପେ ଆସୁଛି। ତୁଳସୀଦାସ, ଶଙ୍କରାଚାର୍ଯ୍ୟ, ରାମାନୁଜଚାର୍ଯ୍ୟ ଏମାନେ ମହାପୁରୁଷ, ଏମାନଙ୍କୁ ମଧ୍ୟ ବହୁ ପ୍ରକାର ବାଧାବିଘ୍ନ ଆସିଥିଲା। ବାଲ୍ୟାବସ୍ଥାରେ ତୁଳସୀଦାସଙ୍କୁ କେହି ମୁଠାଏ ଖାଇବାକୁ ଦେଉନଥିଲେ କି ଦାଣ୍ଡ ପିଣ୍ଡାରେ ମଧ୍ୟ ବସିବାକୁ ଦେଉନଥିଲେ। ସେ ରାତ୍ରିରେ ଏବଂ ଦିନରେ ଗଛମୂଳରେ ରହୁଥିଲେ।

ମା'ଙ୍କ କାର୍ଯ୍ୟ କରିବା ସକାଶେ ଯେଉଁ ପରିକଳ୍ପନା କରିଛନ୍ତି ତାହା ବହୁତ ଠିକ୍। ମା'ଙ୍କ କୃପାରୁ ତାହାହିଁ ହେବ। ଆପଣମାନେ ଖୁସିରେ ରହି ମା'ଙ୍କୁ ସ୍ମରଣ କରନ୍ତୁ। **୧୭.୪.୭୯**

ଆଶ୍ରମରେ ଦର୍ଶନ ସମୟରେ ବଟର ରୋଟି ତୟାରି ହେଉଥିଲା। ଯେଉଁ ବ୍ୟକ୍ତି

ତା'ର ଖର୍ଚ୍ଚ ଦେଉଥିଲେ ସେ ବୋଧହୁଏ ଦେଲେ ନାହିଁ। ଏହି ଖବର ବେକରୀ ବ୍ୟକ୍ତି ମୋତେ କହିଲେ। ବଟର ରୋଟିରେ ଅପ୍ରେଲ ନଭେମ୍ବରରେ ଖର୍ଚ୍ଚହୁଏ ୩୫୦ଟଙ୍କା ଲେଖାଏଁ। ଅଗଷ୍ଟ ଫେବୃୟାରୀରେ ଖର୍ଚ୍ଚ ହୁଏ ୪୦୦ଟଙ୍କା। ଏହି କାର୍ଯ୍ୟଟି ବହୁତ ଉତ୍ତମ ଏବଂ ମା'ଙ୍କ କୃପାରୁ ଅଯାଚିତ ଭାବେ ଏହି ସେବାର ସୁଯୋଗ ମିଳିଛି। ମା'ଙ୍କ ଦର୍ଶନ ଉତ୍ତମ ଦିନ। ସେଥିରେ ପୁଣି କେତେ ପ୍ରକାର ଭକ୍ତ ତଥା ଆଶ୍ରମ ସାଧକମାନଙ୍କ ଭୋଜନରେ ଲାଗିବ। ସେ ସକାଶେ ମୁଁ କହି ଦେଲି, "ଏହି ଦର୍ଶନ ସକାଶେ କାମ ଚଳେଇ ନିଅନ୍ତୁ ଆଉ ଦର୍ଶନଠାରୁ ବ୍ୟବସ୍ଥା କରାହେବ।" ୧୦୦ଟଙ୍କା ଉଧାର ଆଣି ଦେଇ ଦେଲି। ମୁଁ ଭାବୁଛି ଆପଣ, 'ବ', 'ଗ', 'ଘ'- ଏହି କାର୍ଯ୍ୟରେ ସ୍ୱଇଚ୍ଛାରେ ଯାହା ଦେବାର ଦେଇ ପାରନ୍ତି। କାରଣରେ ଲେଖିବେ ବଟର ରୋଟି ସକାଶେ। ଆପଣମାନେ ୨୦୦ଟଙ୍କା ପଠାଇ ପାରନ୍ତି। ଅବଶିଷ୍ଟ ବ୍ୟବସ୍ଥା ହୋଇଯିବ।

**୧୯.୪.୭୯**

ସ୍ୱପ୍ନଟି ବହୁତ ଭଲ। ମା'ଙ୍କ ପ୍ରସାଦ ମିଳିଲା ଏବଂ ମା' ନିଜର କରିନେବାର ସୂଚନା ମଧ୍ୟ ଥିଲା। ବହୁତ ସମ୍ଭବ ମା'ଙ୍କ ଦର୍ଶନ ଦିନରେ ବଟର ରୋଟି ସମର୍ପଣର ପ୍ରସାଦ ହୋଇପାରେ। ମୁଁ ଆପଣଙ୍କୁ ପତ୍ର ଲେଖି ସାରିଛି। ଆପଣ ପଠାଇଥିବା ୩୫୦ଟଙ୍କା ଅଗଷ୍ଟ ଦର୍ଶନ ଦିନରେ ବଟର ରୁଟି ହେବା ସକାଶେ ବେକରୀରେ ଜମାକରିଦେଲି। ଆଉ କାହାଠାରୁ ନେବା ଆବଶ୍ୟକ ନାହିଁ। ଏହି କାର୍ଯ୍ୟ ବହୁତ ଉତ୍ତମ। ଉତ୍ତମ କାର୍ଯ୍ୟରେ ଅର୍ଥ ଲାଗିବା ମା'ଙ୍କ କୃପା। 'ଶ' ୧୦୦ଟଙ୍କା ପଠାଇଥିଲେ ତାଙ୍କର ବି ବେକେରୀରେ ଜମା କରିଦେଇଛି।

ଭଉଣୀ, ତୁମେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନ ଶାସ୍ତ୍ର ଜାଣ। ସାଧନାର ଜ୍ଞାନ ଅଛି। ମା'ଙ୍କର ଶରଣାପନ୍ନ। ତୁମକୁ ବୁଝିବାରେ ସହଜ ହେବ। ଭଗବତପ୍ରାପ୍ତି ଅଧ୍ୟାତ୍ମ ମାର୍ଗ, ଗାର୍ହସ୍ଥ୍ୟାଶ୍ରମ ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ। ସଂସାର ଜୀବନ ମନ-ପ୍ରାଣ ସମ୍ବନ୍ଧ। ଅଧ୍ୟାତ୍ମ ଜୀବନରେ ଆତ୍ମାର ସମ୍ବନ୍ଧ। ମନ, ପ୍ରାଣ କ୍ରିୟାଶୀଳ ତଥା ସେହି ସବୁର ସମ୍ବନ୍ଧରେ ବ୍ୟକ୍ତି ଅଭ୍ୟସ୍ତ। ଏହିସବୁ ସମ୍ବନ୍ଧ ଛାଡ଼ିବାକୁ ମନ-ପ୍ରାଣ ଚାହାନ୍ତି ନାହିଁ। ଏହି ସମ୍ବନ୍ଧ ତଥା ଆତ୍ମାର ସମ୍ବନ୍ଧ ଏହି ଦୁଇଟି ଯାକ ଏକସଙ୍ଗେ ରୁହନ୍ତି ନାହିଁ କିମ୍ବା ଚାହାନ୍ତି ନାହିଁ। ମନ-ପ୍ରାଣ ଚାହାନ୍ତି ନିଜର ସମ୍ବନ୍ଧ କାଏମ କରି ଭଗବତ ସମ୍ବନ୍ଧ ଆସିଲେ ସେମାନଙ୍କର ଆପତ୍ତି ନାହିଁ। କିନ୍ତୁ ଭଗବତ ସମ୍ବନ୍ଧ ଏହାର ବିପରୀତ। ଭଗବତ ପ୍ରେମ ଆସିବା ପୂର୍ବରୁ ମନ-ପ୍ରାଣ ସମ୍ବନ୍ଧ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବ। ଏହା ସ୍ଥାନରେ ଆସିବ ଆତ୍ମାର ସମ୍ବନ୍ଧ। ଯେଉଁ ପରିବାରକୁ ନିଜର ମନେକରୁଛ, ପରସ୍ପର ମଧ୍ୟରେ ଯେଉଁ କର୍ତ୍ତବ୍ୟ, ଅକର୍ତ୍ତବ୍ୟ ପାଳନ ନହେଲେ

ଦୁଃଖ ହେଉଛି ସେ ରହିବ ନାହିଁ। ସେହି ସ୍ଥାନରେ ହେବ ଆତ୍ମାର ସମ୍ପର୍କ। ସେଥିରେ କର୍ତ୍ତବ୍ୟ ପାଳନ ହେବା ନହେବାରେ ଦୁଃଖ କଷ୍ଟ ହେବନାହିଁ। ସ୍ୱାଭାବିକ ରୂପେ ମନ, ପ୍ରାଣର ସମ୍ପର୍କ ସେମାନେ ଛାଡ଼ିବାକୁ ଚାହାନ୍ତି ନାହିଁ। ଯେବେ ଅନୁକୂଳ ପରିସ୍ଥିତି ଚାଲିବ ତେବେ ଏ ସମ୍ପର୍କ କେବେ ବି ତୁଟିବ ନାହିଁ। ଏହା ସ୍ଥାନରେ ଆତ୍ମାର ସମ୍ବନ୍ଧ ଆସିବାକୁ ବହୁତ ବିଳମ୍ବ ହେବ। ସେ ସକାଶେ ଯୋଗରେ ପ୍ରବେଶ କଲେ ମା'ଙ୍କ କୃପାରୁ ମନୁଷ୍ୟ ଯାହା ଛାଡ଼ିବାକୁ ଚାହେଁ ନାହିଁ ତାହାରି ଉପରେ ପ୍ରଥମେ ଆଘାତ ହେବ। ବ୍ୟକ୍ତି ଯଦି ଏହାକୁ ବୁଝି ପାରେ ତେବେ ଏହି ସମ୍ବନ୍ଧ ସ୍ଥାନରେ ଆତ୍ମା ସମ୍ବନ୍ଧ ଆସିବାରେ କମ ସମୟ ଲାଗେ। ଅନ୍ୟଥା ବ୍ୟକ୍ତି ବୁଝିବା ପର୍ଯ୍ୟନ୍ତ ଏହିପରି ପରିସ୍ଥିତି ଘଟୁଥାଏ।

ତୁମେ ମୋଟେ ଚିନ୍ତା କର ନାହିଁ। 'ମା' ଏହି ନାମ ନିରନ୍ତର ସ୍ମରଣ କର। ଯେତେବେଳେ ଏକା ରହିବ ସେତେବେଳେ ନିରନ୍ତର 'ମା' ଏହିନାମ ସ୍ମରଣ କରିବ ଏବଂ ମା' ସର୍ବଦା ସଙ୍ଗେ ଅଛନ୍ତି, ସବୁ ସମୟରେ ରକ୍ଷା କରୁଅଛନ୍ତି ଏହି ବିଶ୍ୱାସ ଧାରଣା ରଖିବ। ଯଥାର୍ଥରେ ସର୍ବଦା ମା' ସଙ୍ଗେ ସଙ୍ଗେ ଥାଆନ୍ତି ରକ୍ଷା କରନ୍ତି। ବ୍ୟକ୍ତି ସଚେତ ରହିଲେ ପ୍ରତ୍ୟକ୍ଷ ବୁଝିପାରେ।

**୫.୫.୭୯**

'ମା' ଏହି ନାମ ସ୍ମରଣ କରନ୍ତୁ। ମା'ଙ୍କୁ ଡାକନ୍ତୁ। ତାଙ୍କରି କୃପାରୁ ସବୁ ସମସ୍ୟାର ଉତ୍ତମ ସମାଧାନ ନିଶ୍ଚୟ ହେବ। ଏହି ଦୃଢ଼ ବିଶ୍ୱାସ ସହ ମା'ଙ୍କ ଉପରେ ପୂର୍ଣ୍ଣତଃ ନିର୍ଭରଶୀଳ ହୁଅନ୍ତୁ। କୌଣସି ପ୍ରକାର ଚିନ୍ତା କରନ୍ତୁ ନାହିଁ। ଆପଣମାନଙ୍କର କୌଣସି ସମୟରେ କୌଣସି ପ୍ରକାର ଅଭାବ ହେବ ନାହିଁ। କେବଳ ମା'ଙ୍କ ଉପରେ ନିର୍ଭରଶୀଳ ହୁଅନ୍ତୁ।

**୧୩.୬.୭୯**

ବର୍ତ୍ତମାନ ସମୟରେ ଘରର ଅନିବାର୍ଯ୍ୟ କାର୍ଯ୍ୟ ଯାହା ହେବ ଦେଖନ୍ତୁ। କିନ୍ତୁ ବାହାର କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ବିଶ୍ରାମ ନିଅନ୍ତୁ। ପ୍ରଥମରେ ଶରୀର ସୁସ୍ଥ ହୋଇଯାଉ ପରେ ଯାହା କରିବେ। କେବଳ ମା'ଙ୍କ ନାମ ସ୍ମରଣ କରନ୍ତୁ। କୌଣସି କାର୍ଯ୍ୟ ସକାଶେ କୌଣସି ପ୍ରକାର ଚିନ୍ତା କରନ୍ତୁ ନାହିଁ। ଆମ୍ଭେମାନେ ମା'ଙ୍କ ସମାଧିରେ ନିବେଦନ କରୁଛୁ।

**୨୯.୯.୭୯**

ପୁଅ ଛୋଟ। ଛୋଟ ପିଲାର କାହାରି କାହାରି ଅସୁସ୍ଥତା ହୁଏ। ବଡ଼ ହୋଇଗଲେ ଠିକ୍ ହୋଇଯିବ। ପୁଅ ସକାଶେ ଅନ୍ୟ ବିଷୟରେ ଯେଉଁ ଚିନ୍ତା କରୁଛ ସେହି ଚିନ୍ତାକୁ ମା'ଙ୍କ ଚରଣରେ ସମର୍ପଣ କରି ତାଙ୍କରି ଉପରେ ନିର୍ଭରତା ରଖ। ତାଙ୍କରି କୃପାରୁ ପୁଅ ଭଲ ରହିବ। ସବୁ ଠିକ୍

ହେବ। ଝିଅକୁ ପଢ଼େଇବାକୁ ଚେଷ୍ଟା କର କିନ୍ତୁ ମାରିବ ନାହିଁ କି ଭୟ ଦେଖାଇବ ନାହିଁ। **୨୨.୧୦.୭୯**

ହୃଦୟ ଗଭୀରକୁ ଯିବାର ବନ୍ଦ ଦ୍ୱାର ଖୋଲିବା ଏବଂ ପଦ୍ମ ଫୁଲ ଅନୁଭୂତି ସହିତ ହୃଦ ପୁରୁଷଙ୍କର ମଧ୍ୟ ଜାଗରଣ ହେଲା। ସେହି କାରଣରୁ ନେତ୍ରରୁ ପ୍ରେମାଶ୍ରୁ ବହିଲା। ଆପଣଙ୍କ ଉପଲବ୍ଧି ବହୁତ ଠିକ୍। ନାମଯଶର ଛଦ୍ମ ପ୍ରେରଣାରେ ନିଜ ଅନୁଭୂତି କହିବାରୁ ସେ ଅନୁଭୂତିର ପ୍ରଭାବ କମିଗଲା। ଆପଣଙ୍କ ଅନ୍ତର ପ୍ରେରଣା ଠିକ୍।

ଯୋଗ ସମ୍ବନ୍ଧୀୟ ନିଜର ଅନୁଭୂତି କାହାକୁ କହିବା ଉଚିତ ନୁହେଁ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ ଓ ତାଙ୍କ ଦର୍ଶନ ସମ୍ବନ୍ଧେ ଅନ୍ୟକୁ ବୁଝାଇପାରନ୍ତି। କିନ୍ତୁ ନାମଯଶର ଧାରଣା ଆସିଲେ ତ୍ୟାଗ କରିବେ। **୨୨.୧୨.୭୯**

ମା'ଙ୍କ କୃପାରୁ ସବୁ ଅସମ୍ଭବ ସମ୍ଭବ ହୁଏ। ଆପଣ ଔଷଧ ନଖାଇ ଭଲ ହୋଇଯିବେ। ମା'ଙ୍କ କୃପା ସବୁଠାରୁ ବଡ଼ ଔଷଧ। ପରସ୍ପର ମଧ୍ୟରେ ମନୋମାଳିନ୍ୟ ନରହିବା ବହୁତ ଭଲ। ଅଧ୍ୟାତ୍ମ ମାର୍ଗରେ ସମସ୍ତେ ମା'ଙ୍କ କାମ ମା'ଙ୍କ ସେବା ମନେକରି ମିଳିମିଶି କାମ କରିବା ଉଚିତ। ଆପଣମାନେ ମା'ଙ୍କୁ ଡାକନ୍ତୁ।

**୧୭.୭.୮୦**

ଆପଣଙ୍କ ଶରୀର ସୁସ୍ଥ ରହିବା ସକାଶେ ମା'ଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଏହି ପତ୍ରରେ ପଠାଉଅଛି। ଆପଣଙ୍କ ସ୍ୱପ୍ନର ଅର୍ଥ ଭଲ। ସ୍ୱଚ୍ଛଜଳ ନଦୀର ଅର୍ଥ ନିଜ ଚେତନା। କାନ୍ଥ ହେଉଛି ସୀମା। ତାଙ୍କୁ ଭାଙ୍ଗି ଦେଲେ ଭଗବତ ଚେତନା ପ୍ରତୀକ ସମୁଦ୍ରରେ ମିଳିଯିବ। ଭୟ ହେଉଛି ସୀମିତ ପ୍ରାଣ ଏବଂ ମନ। ସେସବୁ ଅଧ୍ୟାତ୍ମ ଚେତନାରେ ପ୍ରବେଶ କରିବାକୁ ଭୟ କରୁଛନ୍ତି। ସେଥିରେ ପଶିଗଲେ ତାଙ୍କର ସୀମା ରହିବ ନାହିଁ। ଅସ୍ତିତ୍ୱ ରହିବ ନାହିଁ। ସେହି କାରଣରୁ ଭୟରେ ପାହାଡ଼ ଉପରକୁ ଉଠିଗଲେ।

ଏହାର ସୂଚନା ହେଉଛି- ସୀମିତ ଅହଂ ଭଗବତ ବା ବିଶ୍ୱ ଚେତନା ସଙ୍ଗେ ମିଶିଗଲେ ଗୋଟିଏ କଥାରେ ନିଜ ଅହଂକୁ ଧ୍ୟାନ ରଖିବ ନାହିଁ କିମ୍ବା ସେହିକଥା ଦ୍ୱାରା ଶରୀର ଉପରେ ଏତେ କଷ୍ଟ ସହିବାକୁ ହେବ ନାହିଁ।

ସ୍ୱପ୍ନଟି ଭଲ। ଅଗ୍ରସର ହେବାକୁ ଚେଷ୍ଟା କରିବାର ସୂଚନା। ଗୋଟିଏ ପାର୍ଟ ଚାହୁଁଛି, ଯେଉଁ ପଟ କାନ୍ଥ ଭାଙ୍ଗି ଦେଲା। ଅନ୍ୟ ଭାଗ ଭୟ କରି ପାଣିରେ ପଶିଲା ନାହିଁ, ପାହାଡ଼ ଉପରକୁ ଚାଲିଗଲା ଯେଉଁଠାରେ ସାଧାରଣ ଲୋକଙ୍କର ସୀମିତ ଚେତନା ଥିଲା। ଗୋଟିଏ ଭାଗ ଅଗ୍ରଗତି କରିସାରିଛି।

**୨୫.୭.୮୦**

●

# ସାଧନାର ପଥ

ପୂର୍ବପ୍ରକାଶିତ ଉତ୍ତାରୁ...ମନୁଷ୍ୟର ଭୂମି ମଧ୍ୟବର୍ତ୍ତୀ ଭୂମି, ତା'ର ଊର୍ଦ୍ଧ୍ୱରେ ରହିଛି ଦିବ୍ୟ ଭୂମିଚୟ ଏବଂ ନିମ୍ନରେ ରହିଛି ଅର୍ଦ୍ଧାଲୋକିତ ଜଗତ। ଉଭୟ ଜଗତର ସମ୍ମିଶ୍ରଣ ଓ ସୀମାର କ୍ଷେତ୍ରରେ ଛିଡ଼ାହୋଇଛି ମନୁଷ୍ୟ। ମହାକାବ୍ୟ 'ସାବିତ୍ରୀ'ର ତୃତୀୟ ଖଣ୍ଡ ଚତୁର୍ଥ ଅଧ୍ୟାୟରେ ଶ୍ରୀଅରବିନ୍ଦ ମନୁଷ୍ୟଜାତିର ନିୟମ ସମ୍ବନ୍ଧରେ ଯେଉଁ ଅପରୂପ ବର୍ଣ୍ଣନା କରିଛନ୍ତି, ତାହାର କେତେକାଂଶ ଏଠାରେ ଉଦ୍ଧାର କଲେ ଆମର ବକ୍ତବ୍ୟ ବେଶ୍ ସ୍ପଷ୍ଟ ହୋଇଉଠିବ।

ମନୁଷ୍ୟର ପରିସ୍ଥିତି ସମ୍ବନ୍ଧରେ ଶ୍ରୀଅରବିନ୍ଦ ଲେଖିଛନ୍ତି :

**"Assailed on earth and unassured of heaven,
Descended here unhappy and sublime,
A link between the demigod and the beast,
He knows not his own greatness nor his aim;
He has forgotten why he has come and whence.
His spirit and his members are at war;
His heights break off too low to reach the skies,
His mass is buried in the animal mire.
A strange antinomy is his nature's rule.
A riddle of opposites is made his field:
Freedom he asks but needs to live in bonds,
He has need of darkness to perceive some light
And need of grief to feel a little bliss;
He has need of death to find a greater life.
All sides he sees and turns to every call;
He has no certain light by which to walk;
His life is a blind-man's-buff, a hide-and-seek;
He seeks himself and from himself he runs;
Meeting himself, he thinks it other than he.
Always he builds, but finds no constant ground,
Always he journeys, but nowhere arrives;
He would guide the world, himself he cannot guide;**

**He would save his soul, his life he cannot save.**
**The light his soul had brought his mind has lost;**
**All he has learned is soon again in doubt;**
**A sun to him seems the shadow of his thoughts,**
**Then all is shadow again and nothing true:**
**Unknowing what he does or whither he tends**
**He fabricates signs of the Real in Ignorance."**

(Savitri, Book III, Canto IV)

ଅର୍ଥାତ୍ :

"ଆକ୍ରାନ୍ତ ଧରଣୀ ପରେ, ଦେବଲୋକେ ନୁହେଁ ସେ ନିଶ୍ଚିତ
ଆସିଛି ସେ ଅବତରି ଭୂମିତଳେ ଦୁଃଖୀ, ମହୀୟାନ
ଅର୍ଦ୍ଧଦେବ, ପଶୁ ମଧ୍ୟେ ଯୋଗସୂତ୍ର, ମିଳନର ସେତୁ
ଜାଣେ ନାହିଁ ଲକ୍ଷ୍ୟ କିସ ଅବା ତା'ର ସ୍ୱକୀୟ ମହିମା
ଭୁଲିଛି ସେ କେଉଁ ଲୋକୁ ଅବା କାହିଁ ଆସିଛି ଏଠାରେ।
ସଂଗ୍ରାମେ ନିରତ ତା'ର ଆତ୍ମା ସଙ୍ଗେ ଅବୟବରାଜି
ଭାଜିପଡ଼ି ଅତି ନୀଚେ ତୁଙ୍ଗିମା ତା' ନ ଛୁଇଁ ଆକାଶ
ସତ୍ତା ତା' ରହିଛି ବୁଡ଼ି ସୁଗଭୀରେ ପାଶବ କର୍ଦ୍ଦମେ।
ଅଦ୍ଭୁତ ବିରୋଧ ତା'ର ପ୍ରକୃତିରେ କରେ ରାଜପଣ।
ଜୀବନ-ଅଙ୍ଗନ ତା'ର ବିରଚିତ ବିରୋଧ ରହସ୍ୟେ
ମୁମୁକ୍ଷୁ ସେ, ଚାହେଁ କିନ୍ତୁ ରହିବାକୁ ସୀମାର ବନ୍ଧନେ
ଅନ୍ଧକାର ଲୋଡ଼ା ତା'ର ଦେଖିବାକୁ କିଞ୍ଚିତ୍ ଆଲୋକ
ଶୋକ ତା'ର ଆବଶ୍ୟକ ଭୋଗିବାକୁ ଟିକିଏ ଆନନ୍ଦ
ବିଲୟେ ତା' ଥାଏ ଲୋଡ଼ା ପାଇବାକୁ ଉତ୍କୃଷ୍ଟ ଜୀବନ।
ଦେଖେ ସେ ସମସ୍ତ ଦିଗ ପ୍ରତି ଡାକେ ହୁଏ ଜାଗରିତ
ଅଗ୍ରସର ହେବା ପାଇଁ ନାହିଁ ତା'ର ନିଶ୍ଚିତ ଆଲୋକ
ଜୀବନ ତା ଲୁଚକାଳି ଅନ୍ଧଜନ ଉଚ୍ଚାରିତ ରବ

ନିଜକୁ ଖୋଜେ ସେ କିନ୍ତୁ ନିଜଠାରୁ କରେ ପଳାୟନ
ନିଜକୁ ସାକ୍ଷାତ କରି ଭାବେ ତାହା ନିଜଠାରୁ ଆନ।
ସଦା ସେ ବିରଚି କେବେ ପାଏ ନାହିଁ ଚିରନ୍ତନ ଭୂମି,
ଅବିରତ ଯାତ୍ରା କରି ପହଞ୍ଚି ସେ ପାରେ ନାହିଁ କାହିଁ
ନିଜକୁ ପାରେନି ଚାଳି ଇଚ୍ଛା ତା'ର ହେବ ବିଶ୍ୱଗୁରୁ
ପ୍ରାଣକୁ ପାରେନି ତାରି ଇଚ୍ଛା ହେବ ଆତ୍ମାର ତାରକ।
ଆତ୍ମା ଯେ ଆଲୋକ ଆଣେ ମନ କାହିଁ ହରାଇଛି ତାହା
ଯାହା ବା ଶିଖଇ ନର ଶୀଘ୍ର ପୁଣି ସଂଶୟରେ ଭାବେ
ପ୍ରଭାକର ମନେହୁଏ ଭାବନାର ଛାୟା ବୋଲି ତାରେ
ସବୁପୁଣି ହୁଏ ଛାୟା, ସତ ବୋଲି କିଛି ନାହିଁ ରହେ।
ନଜାଣି ସେ ନିଜ କର୍ମ ଅବା କେଉଁ ଦିଗେ ତା'ର ଗତି
ଯନ୍ତ୍ର ପରି ରଚୁଥାଏ ଅବିଦ୍ୟାରେ ସତ୍ୟର ସଙ୍କେତ।"

ଅଜ୍ଞାନତା, ଅବିଦ୍ୟା, ମୂର୍ଖତା, ଧୃଷ୍ଟତା ମଧ୍ୟରେ ମନୁଷ୍ୟ ବୁଡ଼ି ରହିଛି। ତାହା ମଧ୍ୟରେ ସର୍ବୋତ୍ତମ ପ୍ରତିଷ୍ଠିତ ଆଲୋକ ହେଲା ତା'ର ମନଶ୍ଚେତନା। ଆଉ ଏହି ଚେତନା ଏକ ଅଜ୍ଞାନର କ୍ଷେତ୍ର। ଏହାର ଅର୍ଥ ବୁଦ୍ଧି ମଧ୍ୟରେ ଆଲୋକ ନାହିଁ, ସ୍ପଷ୍ଟତା ନାହିଁ, ନିଶ୍ଚୟତା ନାହିଁ। ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରରେ ରହିଥିବ ଦୁଃଖ-ଯନ୍ତ୍ରଣା ମଧ୍ୟରେ ପଡ଼ିରହିବା ଅନିବାର୍ଯ୍ୟ। ଦୁଃଖକୁ ସେ ବହନ କରି ଚାଲିଛି। ଯେଉଁ ସୁଖ ଓ ଆନନ୍ଦର ସ୍ୱପ୍ନ ବା ଇଙ୍ଗିତ ସେ ପାଇଛି, ଏବେ ବି ତାହା ବାସ୍ତବତାରେ ପରିଣତ ହୋଇ ନାହିଁ।

*(କ୍ରମଶଃ)*

**ପ୍ରପତ୍ତି**

●

*ଏବେବି ମନେପଡ଼େ.....*

# ଏପରି ବି ହୁଏ

ଆମର ଯଦି କୌଣସି କାର୍ଯ୍ୟରେ ବାହାରକୁ ଅନ୍ତତଃ କିଛିଦିନ ପାଇଁ ଯିବାକୁ ହୁଏ- ମୁଁ ସାଧାରଣତଃ ରାତ୍ରୀକୁ ହିଁ ବାଛେ। କାରଣ ଦିନଯାକ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିବା। ସନ୍ଧ୍ୟାରେ ରାତ୍ରୀଭୋଜନ କରି ଯାତ୍ରା ଆରମ୍ଭ କରିବା ଏବଂ ସକାଳ ପୂର୍ବରୁ ପହଞ୍ଚିଯିବା। କହିବା ବାହୁଲ୍ୟ, ମତେ ବିଛଣା ଅପେକ୍ଷା ଗାଡ଼ିରେ ଅଧିକ ଭଲ ନିଦ ହୁଏ। ତେଣୁ ମୁଁ ଆକଣ୍ଠ ଶୋଇଯାଏ। ପୁଣି ଚାଳକ ପାଖରେ ହିଁ ମୁଁ ବସେ। ମାତ୍ର ଆମ ଗାଡ଼ିର ଯେତେ ଚାଳକ କେହି ମୋତେ ଶୋଇବାରୁ ବାରଣ କରନ୍ତି ନାହିଁ, କାରଣ ମୋତେ ସକାଳୁ କାମରେ ମିଶିବାକୁ ପଡ଼ିବ, ତେଣୁ ରାତ୍ରରେ ବିଶ୍ରାମ ନେଇଗଲେ ସବୁଆଡୁ ସୁବିଧା। ଆଗେ ତ ମୁଁ ଯେତେବେଳେ ନିଜେ ଚଲାଉଥିଲି, ସେତେବେଳେ ଚାଳକଙ୍କୁ ନିଦ ଲାଗିଲେ ମତେ ଡାକି ଦେଉଥିଲେ ଏବଂ ମୁଁ ମୁହଁ ଧୋଇ ଚାଳକ ସିଟ୍‌ରେ ବସିଗଲେ ମୋ ନିଦ ପୂରା ଅନ୍ତର୍ହିତ ହୋଇଯାଉଥିଲା। ଏବେ କିନ୍ତୁ ମୋତେ ଚଲାଇବାକୁ ଗାଡ଼ି ମିଳୁନାହିଁ ଆଉ ରାତ୍ରୀରେ ଯାତ୍ରା ମଧ୍ୟ ସମ୍ପୂର୍ଣ୍ଣ ବାରଣ।

ମାତ୍ର ଗତ ସିମେଣ୍ଟନଗରଠାରେ ଅନୁଷ୍ଠିତ ଅଗ୍ରଦୂତ ସମ୍ମିଳନୀରେ ମୁଁ ଆଦୌ ସନ୍ଧ୍ୟା ପୂର୍ବରୁ ମୁକ୍ତ ହୋଇପାରିଲି ନାହିଁ ତେଣୁ ବାଧହୋଇ ସନ୍ଧ୍ୟାବେଳେ ହିଁ ମାତୃଭବନ ଛାଡ଼ିଲୁ। ରାତ୍ରୀ ବେଶୀ ହୋଇଯିବାର ସମ୍ଭାବନା ଥିବାରୁ ରବିଭାଇ ମଧ୍ୟ ରସରାଜ ସାଙ୍ଗରେ ଆବଶ୍ୟକ ହେଲେ ଚଲାଇବା ପାଇଁ ଗଲେ। ଆରମ୍ଭରୁ ରବିଭାଇ ହିଁ ଚଲାଉଥିଲେ।

ସନ୍ଧ୍ୟାବେଳେ ମା'ଙ୍କୁ ପ୍ରାର୍ଥନା କରି ମାତୃଭବନ ଛାଡିଲୁ। ସମୁଦାୟ ପାଞ୍ଚଜଣ। ରସରାଜ, ରବି, ବିଭୁତିଭାଇ, ମିଥୁନ ଏବଂ ମୁଁ। ବାଟରେ ଡ: କିଶୋର ଚଢ଼ିବାର ଥିଲା ମାତ୍ର କିଛି ଅସୁବିଧା ପାଇଁ ଯାଇପାରିଲା ନାହିଁ କିନ୍ତୁ ଆମକୁ ବାଟପାଇଁ ଜଳଖିଆ ଦେଇ ନିଜେ ଅଟକି ଗଲା।

ଆମର ଗାଡ଼ି ଚାଲିଲା। ମୁଁ ବରଗଡ଼ ଏବଂ ସିମେଣ୍ଟନଗର (ବରଡୋଲ) କୁ ଅସଂଖ୍ୟ ଥର ଯାଇଛି। ତାଙ୍କର ପବିତ୍ର ଦେହାଂଶ ସ୍ଥାପନଠାରୁ ଆରମ୍ଭ କରି ବିଭିନ୍ନ ସମ୍ମିଳନୀ, ନବଜୀବନ ଶିକ୍ଷା ସଂସଦର ବୈଠକ, ଶେଷକୁ ପ୍ରତିବର୍ଷ ଜୁଲାଇ ସମ୍ମିଳନୀ ଇତ୍ୟାଦି ନିମନ୍ତେ ମୁଁ ସିମେଣ୍ଟନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଅନେକ ଥର ଯାଇଛି। ତେଣୁ ସେଥି ନିମନ୍ତେ ମୋର ରାସ୍ତା ଭୂଲିବାର ସମ୍ଭାବନା ନାହିଁ, ଅବଶ୍ୟ ଯୋଡ ଯୋଡ ରାସ୍ତାରେ ଆମେ ଯାଉ କେବଳ ସେଇ ରାସ୍ତାସବୁ ମୋର ସ୍ମରଣ ଅଛି। ସେଥିରୁ

ଯଦି ରାସ୍ତା ବଦଳିବ ତେବେ ମୁଁ ବୁଝି ପାରିବିନି। ତେବେ ଯାହାହେଉ ଆମେ GPS ଖୋଲିଥାଉ ଏବଂ ସିମେଣ୍ଟନଗରରୁ Location ମାରି ତା'ରି ଅନୁସାରେ ଚାଲିଥାଉ। ରାତିବେଳେ କାଳେ ନିଦ ଲାଗିଯିବ ବୋଲି ମୁଁ ସମସ୍ତଙ୍କୁ ଡାକି କରି କଥା ହେଉଥାଏ। ରେଢ଼ାଖୋଲରେ ପ୍ରାୟ ରାତି ୧୧ଟା। ସେଠାରେ ଗୋଟିଏ ଖୁବ୍ ସୁନ୍ଦର ଦୋକାନ ଅଛି। ଚା କଫି ସାଙ୍ଗରେ ଅନେକ ପ୍ରକାର ଖାଦ୍ୟ ଦ୍ରବ୍ୟ ମିଳେ। ଦୁଇଟି ଭାଇ ତାକୁ ଚଳାନ୍ତି। ୨୪ ଘଣ୍ଟା ଦୋକାନ ଖୋଲା। ତା' ସହିତ ଆମର ଆଗରୁ ଖୁବ୍ ଘନିଷ୍ଠତା ଥାଏ। ସେବାଟେ ଯିବାମାନେ ନିଶ୍ଚୟ ଅଟକି ଟିକେ କଫି ଖାଉ କିଛି ଏଣୁ ତେଣୁ କିଣି ଆମେ ଚାଲିଯାଉ। ସେ ଆମର ସମସ୍ତ କୁଶଳ ଜିଜ୍ଞାସା କରେ। ଏଥରକୁ ତା' ସହିତ ସାଙ୍ଗରେ ଥିବା ଖାଦ୍ୟ ମଧ ଖାଇଲୁ। ତା'ପରେ ଚାଲିଲୁ। ସେଠାରୁ ବରଗଡ଼ ପ୍ରାୟ ୧୨୦ କି.ମି.। ସର୍ବନିମ୍ନ ଅଢ଼େଇଘଣ୍ଟା ଲାଗିବ ବୋଲି ଆମେ ଧାରଣା କରି ଚାଲିଲୁ। ଗାଡ଼ି ବରଗଡ଼ ଜିଲ୍ଲାରେ ପଶିଲା। ଆମ ପାଖରେ GPS ଥିଲା ମାତ୍ର ସେତିକିବେଳେ ବାବୁ (ରାଜଗାଙ୍ଗପୁର) ପାଖରୁ Locationଟା ମାଗିଲୁ। ସେ ରାତ୍ରୀ ୧.୦୦ରେ ଉଠି ଆମ ପାଖକୁ Location ପଠାଇଲା। ସମସ୍ତେ Confident ହୋଇଗଲେ ଏଥରକୁ ସ୍କୁଲ ଦ୍ୱାର ମୁହଁ ପର୍ଯ୍ୟନ୍ତ ଗାଡ଼ି ଚାଲିଯିବ, ଆଉ ଚିନ୍ତା ନାହିଁ।

କିନ୍ତୁ ମୁଁ ଜାଣିନି ଯେ କମ୍ପୁଟର ଯେଉଁ ବାଟ ବତାଇବ ତାହା ଆଦୌ ମେନ୍ ରୋଡ଼ ନୁହେଁ। ସେ ସବୁଠାରୁ ନିକଟତର ବାଟ ବତେଇବ, ଯାହା ବି ବାଧା ବିପତ୍ତି ଥାଉ ତାକୁ ଅତିକ୍ରମ କରି ଆସିବାକୁ ପଡ଼ିବ। ଖୁବ୍ ଅଳ୍ପ ଚିହ୍ନା ଜଣା ରାସ୍ତାରେ ମଧ ସେ ତୁମକୁ ଠିକ୍ ଠିକ୍ ମାର୍ଗ ଦେଖାଇ ତା' ସ୍ଥାନରେ ପହଞ୍ଚାଇବ।

ଦୁର୍ଯୋଗକୁ ମୋତେ ଠିକ୍ ଏତିକିବେଳେ ନିଦ ଲାଗିଗଲା। ମୋ ନିଦ ଭାଙ୍ଗିଲାବେଳକୁ Location ସାଙ୍ଗରେ ରସରାଜ ଓ ଅନ୍ୟମାନେ କଡାକଡ଼ି ଆଲୋଚନା କରୁଛନ୍ତି। ସେ ଯେଉଁଆଡ଼େ ଯିବାକୁ କହୁଛି ଏମାନଙ୍କର ବିଶ୍ୱାସ ହେଉନାହିଁ। ମୁଁ ମୋ ଚିହ୍ନା ରାସ୍ତା, ସେ ଯାଗା ନଦେଖି ବିରକ୍ତ ହୋଇପଡ଼ିଲି। ଇଏକି ଜାଗା, ଇଏ କେଉଁ ସ୍ଥାନ, କୁଆଡ଼େ ସବୁ ନେଇ ଆସିଲ। କାରଣ ମୋତେ ଲାଗିଲା ଯେତିକି ରାସ୍ତା ଜଣା ଅଛି- ତା'ଛଡ଼ା ଅନ୍ୟ ସବୁ ରାସ୍ତା ଭୁଲ।

Location କହୁଛି give a u turn. ଅର୍ଥାତ୍ ବୁଲିକରି ପଛକୁ ଯାଅ। ରସରାଜ, ରବି, ବିଭୂତି ଭାଇ ଏବଂ ମିଥୁନ୍ ପୁରା ବ୍ୟସ୍ତ ହୋଇଗଲେଣି। ଯେଉଁଆଡ଼ରୁ ଆସିଥିଲେ ସେଇପଟେ ପୁଣି ଫେରିବାକୁ

କହୁଛି । ମୁଁ ଖାଲି ବ୍ୟସ୍ତ ହୋଇ ପଡୁଥାଏ । ଜଣାଇଲି କାହିଁକି, ସବୁ ଗଣ୍ଡଗୋଳ କେବଳ ମୁଁ ଶୋଇପଡିବାରୁ ହିଁ ହେଲା । ସମସ୍ତେ ଗାଡ଼ିରୁ ବାହାରି ଯୋଉ ଗୋଟିଏ ଗୋଟିଏ କାର କିମ୍ବା ମଟର ସାଇକେଲରେ ଯାଉଥା'ନ୍ତି, ସେମାନଙ୍କୁ ହାତ ଦେଖାଉଥା'ନ୍ତି । ତାଙ୍କର ହୁଏତ ସନ୍ଦେହ ହେଉଥିବ, ଏମାନେ ସବୁ, ଗାଡ଼ି ଅଟକାଇ ଆମଠାରୁ ଛଡାଛଡ଼ି କରିବେ ।

ଏମିତି ଅସୁବିଧା ଭିତରେ ହଠାତ୍ ଗୋଟିଏ କଳା କାରଟିଏ ଆମ ପାଖରେ ଆସି ଛିଡ଼ା ହେଲା । ଗାଡ଼ି ଭିତରୁ ଗୋଟିଏ ପିଲା ଅତି ସମ୍ଭ୍ରମତାର ସହିତ ପଚାରୁଛି, ଭାଇ, ଆପଣ ? ନାଁ ତା'ର ଭକ୍ତି । ମାତୃଭବନର ପୁରାତନ ଛାତ୍ର । ତା'ର ପତ୍ନୀ ଅପର୍ଣ୍ଣା, ବରଗଡ଼ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୂରାତନ ଛାତ୍ରୀ । ସେମାନେ ୩ଜଣ କୌଣସି କାର୍ଯ୍ୟରେ ଯାଉଥିଲେ । ସେତେବେଳେ ଫେରୁଥାଆନ୍ତି ।

ଭକ୍ତି କହିଲା, ଆମେ ପୂର୍ବ ଛକରେ ଅଟକିଥିଲୁ, ଏମାନେ ଆସିଲେ, ବସ୍‌ରୁ ସେମାନଙ୍କୁ Receive କରି ନେଇ କି ଯାଉଥିଲୁ । ସେଠାରେ ଆପଣଙ୍କ ଗାଡ଼ିଟା ଆମକୁ ଟପିକରି ଚାଲି ଆସିଲା । ମୁଁ ସମସ୍ତଙ୍କୁ କହିଲି, ଭାଇଙ୍କ ଗାଡ଼ି, ଭାଇ ମଧ ବସିଛ'ନ୍ତି । ନିଶ୍ଚୟ ସିମେଣ୍ଟନଗର ଯାଉଥିବେ । ମାତ୍ର ଏବେ ଦେଖିଲି ଯେତେବେଳେ ଆପଣ ରାସ୍ତାରେ ଅଟକିଛନ୍ତି, ଭାବିଲି ନିଶ୍ଚୟ କିଛି ଅସୁବିଧାରେ ପଡ଼ିଛନ୍ତି ।

କହିବା ବାହୁଲ୍ୟ, ଆମର ସମସ୍ତ ଘଟଣା ଜାଣିବା ପରେ, ଭକ୍ତି ଆମକୁ ସିଧା ସିମେଣ୍ଟନଗର ସ୍କୁଲରେ ନେଇ ପହଞ୍ଚାଇଦେଲା । ରାତି ଦୁଇଟାରେ ଆମେ ଏକ ସମ୍ପୂର୍ଣ୍ଣ ଅଚିହ୍ନା ସ୍ଥାନରେ ବାଟ ନପାଇ ବିକଳ ହେଉଥିବା ବେଳେ ଭକ୍ତିକୁ ଆମ ପାଖକୁ କିଏ ପଠାଇଲା, ଏହାହିଁ ସମସ୍ତଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କଲା । ଯଦି ଭକ୍ତି ସେଦିନ ଆମ ପାଖକୁ ଆସିନଥାନ୍ତା, ଆମେ ବୋଧହୁଏ ଏ ପର୍ଯ୍ୟନ୍ତ ମଧ ସେଇ ଛକରେ ଛିଡାହୋଇ ସିମେଣ୍ଟନଗରକୁ ବାଟ ଖୋଜୁଥାନ୍ତୁ ।

***ପ୍ରସାଦ ତ୍ରିପାଠୀ***

●

# ତରୁଣମାନେ ହିଁ ଏହି କାର୍ଯ୍ୟର ଭବିଷ୍ୟତ

ଏବେ ଆସିଲା ସଙ୍ଗଠନ ଋତୁ । ଅସଲ ସଙ୍ଗଠନ ମାସ ହେଲା ଜୁଲାଇ । ମେ, ଜୁନ୍ ତା'ପାଇଁ ପ୍ରସ୍ତୁତି । ତେଣୁ ମେ, ଜୁନ୍, ଜୁଲାଇକୁ ସଙ୍ଗଠନ ଋତୁ କହିହେବ ।

ସଙ୍ଗଠନ ଋତୁରେ କ'ଣ ହୁଏ ? ଜୁଲାଇ ମାସରେ ଜିଲ୍ଲାର ବିବରଣୀ ଦେବାକୁ ହେବ ସେଥିପାଇଁ ହଠାତ୍ ନିଦ ଭାଙ୍ଗିଯାଏ । କ'ଣ କ'ଣ ସବୁ ସରିଚି, ଆଉ କ'ଣ କ'ଣ ବାକି ଅଛି । ସେ ସବୁକୁ ସାରିବାକୁ ପଡ଼ିବ । କାରଣ ଜୁଲାଇ ମାସରେ ଜିଲ୍ଲା ବିବରଣୀ ସମସ୍ତଙ୍କ ଆଗରେ ପଢିଲାବେଳକୁ ବଡ଼ ନିଅଣ୍ଟିଆ ଲାଗିବ । ପୂର୍ବ ବର୍ଷ ତୁଳନାରେ ଆଉ କେତେ ଅଧିକ କାର୍ଯ୍ୟ କରାଯାଇଅଛି । ଆଉ କ'ଣ ବାକି ରହିଲା, ତାକୁ ପୁଣି କେବେ ସୁଦ୍ଧା ସାରିବାପାଇଁ ପ୍ରତିଶ୍ରୁତି ଦେବା, ଏ ସବୁ ସାରିବାକୁ ହେବ । ଏ ସବୁ ସହିତ ଦଶ କର୍ମଧାରାକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ । କେଉଁ କେଉଁ କର୍ମଧାରାର ବାର୍ଷିକ ବୈଠକ ସରିଛି ଆଉ କେଉଁଗୁଡ଼ାକ କରିବାକୁ ହେବ ।

ଆଉ ଗୋଟିଏ କାର୍ଯ୍ୟ କରିବାକୁ ହେବ, ଆମକୁ ତରୁଣମାନଙ୍କ ମଧ୍ୟରୁ ନୂତନ କର୍ମୀ ସୃଷ୍ଟି କରିବାକୁ ହେବ । ଯେଉଁମାନେ ପ୍ରକୃତରେ ମା'ଙ୍କ ଦ୍ୱାରା ଆକର୍ଷିତ ହୋଇଥିବେ, ସେମାନେ ସମସ୍ତେ ଜଣା ପଡିଯିବେ । ଆମକୁ ଭବିଷ୍ୟତ ପାଇଁ କର୍ମୀ ପ୍ରସ୍ତୁତ କରିବାକୁ ପଡ଼ିବ । ଯେତେ ଅଧିକ ସମ୍ଭବ ତରୁଣମାନଙ୍କୁ ଏହିସବୁ କାର୍ଯ୍ୟରେ ନିୟୋଜିତ କରି ସେମାନଙ୍କୁ ଭବିଷ୍ୟତରେ ମା'ଙ୍କ କାର୍ଯ୍ୟକୁ ସଙ୍ଗଠିତ କରିବାପାଇଁ ପ୍ରସ୍ତୁତ କରିବାକୁ ହେବ ।

ଭାଇଭଉଣୀମାନେ, ଆମର କର୍ମ ଭବିଷ୍ୟତରେ ଅନେକ ବଢ଼ିଯିବ । ପ୍ରତ୍ୟେକ ଗ୍ରାମରେ ଅନେକ କର୍ମ ହେବ । ବାବାଜିଙ୍କ ସ୍ୱପ୍ନ ସବୁଗ୍ରାମରେ ପାଠଚକ୍ର, ସବୁଘରେ ବାଣୀ ନିଶ୍ଚୟ ପହଞ୍ଚିବ । ଆମେ ଜାଣିଚୁ ବାବାଜି ଥିଲେ ବାକ୍‌ସିଦ୍ଧ । ଯାହା ତାଙ୍କ ପାଟିରୁ ବାହାରୁଥିଲା, ସେ ସବୁ ଯେ ନିଶ୍ଚୟ ଘଟିବ ଏଥିରେ ସନ୍ଦେହ ନାହିଁ । ତେଣୁ ଆମକୁ ପ୍ରସ୍ତୁତ ହେବାକୁ ହେବ । ଅନ୍ତତଃ ଯେତିକିଦିନ ଯେଉଁ ଦାୟିତ୍ୱ ବହନ କରିଚୁ ସେତକ ନିଶ୍ଚୟ ଆମର ସମସ୍ତ ସମୟ ଏବଂ ସାମର୍ଥ୍ୟ ଦେଇ ଚେଷ୍ଟା କରିବାକୁ ହେବ । ଏଥିରେ ହୁଏତ କେହି

ଖୁସୀ ହୋଇଯାଆନ୍ତି ବା ନ ହୁଅନ୍ତି ମାତ୍ର ଆମେ କାହାରିକୁ ଖୁସୀ କରିବାପାଇଁ କରୁନାହୁଁ, ଆମେ ମା'ଙ୍କ ସେବାଭାବରେ ଏଇ କାର୍ଯ୍ୟ କରୁଚୁ । ସେଥିରୁ ଭିନ୍ନ ଆଉ କୌଣସି ପାଇଁ ନୁହେଁ ।

ଗୋଟିଏ ବହୁତ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ତରୁଣମାନଙ୍କ ମଧ୍ୟରେ ଉତ୍ସାହ ଆଗ୍ରହ ସୃଷ୍ଟି କରିବା । କାରଣ କେତେକ ଅନୁଷ୍ଠାନରେ କେବଳ ବୟସ୍କ ଅଳ୍ପ କେତେଜଣ ସକ୍ରୀୟ କର୍ମୀ ଅଛନ୍ତି । ସେମାନଙ୍କ ସହିତ ସାଙ୍ଗ ହୋଇ ସେମାନଙ୍କୁ ଉତ୍ସାହିତ କରି, ଅଧିକ କାର୍ଯ୍ୟରେ ସମ୍ପୃକ୍ତ କରାଇବା । କାରଣ ବାସ୍ତବରେ ଆମ୍ଭମାନଙ୍କ ମଧ୍ୟରେ କେତେ ଜଣ ତଥାପି କର୍ମରେ ଅଛନ୍ତି ମାତ୍ର ଅଧିକାଂଶ ଆଧ୍ୟାତ୍ମିକ ଜୀବନଧାରା ତ୍ୟାଗ କରି ସଂସାର ମଧ୍ୟରେ ପ୍ରବେଶ କରିସାରିଲେଣି ଏବଂ ତଥାପି ମଧ୍ୟ ଆଧ୍ୟାତ୍ମିକ କାର୍ଯ୍ୟରେ ସମ୍ପୃକ୍ତ ହୋଇପାରିବେ, ଏ ବିଶ୍ୱାସ ମଧ୍ୟ ତ୍ୟାଗ କରି ସାରିଲେଣି । ଏ ସବୁ ଖୁବ୍ ସ୍ୱାଭାବିକ । ଏମାନଙ୍କ ବ୍ୟତୀତ ତଥାପି ମଧ୍ୟ ଯେଉଁମାନେ ମା'ଙ୍କ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ଯେଉଁ ବିଶ୍ୱାସର ସହିତ ଏ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ, ସେଥିରେ କିଛିଟା ସନ୍ଦେହ କିମ୍ବା କ୍ଳାନ୍ତି ଅନୁଭବ କଲାଭଳି ଅନୁଭବ କରୁଅଛନ୍ତି । ସେମାନେ ଯେ ବାସ୍ତବ ସତ୍ୟ ସମ୍ପର୍କରେ ଅବହିତ ନାହାନ୍ତି ତାହା ନୁହେଁ ମାତ୍ର ନିଜର ସାମର୍ଥ୍ୟ ସମ୍ପର୍କରେ ସେମାନେ ବିସ୍ମରଣ ହୋଇଯାଉଛନ୍ତି । କାର୍ଯ୍ୟ ଯେତେ ଅଧିକ ଅଗ୍ରଗତି କରୁଅଛି ତାହା ନିଶ୍ଚୟ ଆମଠାରୁ ଅଧିକ ଧୈର୍ଯ୍ୟ ଏବଂ ସହନଶୀଳତା ଆଶା କରୁଛି ଏ କଥା ଆମେ ଅନ୍ୟମାନଙ୍କୁ ବୁଝାଇବା ପରେ ମଧ୍ୟ ନିଜେ ବେଶ୍ କିଛି ହତୋତ୍ସାହିତ ହୋଇଯାଉଚୁ ।

ଭାଇ ଭଉଣୀମାନେ, ଏଇଟାହିଁ ନିଜକୁ ଚିହ୍ନିବାକୁ, ପରଖିବାକୁ ଏବଂ ମା'ଙ୍କ କାର୍ଯ୍ୟରେ ସମ୍ପୃକ୍ତ ହେବାକୁ ଏକ ପ୍ରକୃଷ୍ଟ ସମୟ ବୋଲି ଜାଣିବାକୁ ହେବ । ସତରେ ଆମେ ମା'ଙ୍କ ପାଇଁ କାମ କରିବାକୁ ପ୍ରସ୍ତୁତ କି ନୁହେଁ, ନିଜକୁ ପରଖିବାକୁ ପଡ଼ିବ ।

ଭଗବାନଙ୍କ ପାଇଁ କାର୍ଯ୍ୟ କରିବାକୁ ହେଲେ ଆମର ଶିକ୍ଷାଗତ, ସାମାଜିକ, ସାଂସ୍କୃତିକ, ରାଜନୈତିକ କୌଣସି ଯୋଗ୍ୟତାର ଆବଶ୍ୟକତା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଲା ନିଜ ଭିତରେ ଥିବା ମାତୃଉପସ୍ଥିତି

ପ୍ରତି କୃତଜ୍ଞ ହୋଇ ତାଙ୍କରି ଉଦ୍ଦେଶ୍ୟରେ ଜୀବନ ବଞ୍ଚିବାର ଏକ ସିଦ୍ଧାନ୍ତ । ଆଉ ବି ଏକଥା ମନେରଖିବା, ଯେଉଁମାନେ ମା'ଙ୍କ ପାଇଁ ଜୀବନ ବଞ୍ଚିବାର ଏକ ସଙ୍କଳ୍ପ ନେବେ ସେମାନେ ପ୍ରତିମୁହୂର୍ତ୍ତରେ ବିରୋଧି ଶକ୍ତିର ସମ୍ମୁଖୀନ ହେବାପାଇଁ ବାଧ । କାରଣ ଭଗବାନ ନିଜେ ଯେତେବେଳେ ସମସ୍ତ ପ୍ରକାର ଅହଙ୍କାରକୁ, ଅଜ୍ଞାନତାକୁ ଏବଂ ମିଥ୍ୟାଚାରକୁ ସମ୍ମୁଖୀନ ହୋଇ ତା'ରି ମଧ୍ୟରେ ତାଙ୍କର ଯୁଦ୍ଧ ଜାରୀ ରଖିଛନ୍ତି ଆମେ ତାଙ୍କ ପାଇଁ ବା ତାଙ୍କ ସହିତ କାର୍ଯ୍ୟ କରୁଥିବାରୁ ଆମେ ମଧ୍ୟ ସେହି ଅପଶକ୍ତିମାନଙ୍କୁ ସମ୍ମୁଖୀନ ହେବାକୁ ପଡ଼ିବ ଏବଂ ଏ ସବୁ ଆମପାଇଁ ଗୋଟିଏ ଗୋଟିଏ Challenge ହେବେ ।

ଭାଇଭଉଣୀମାନେ, ବର୍ତ୍ତମାନହିଁ ସେଥି ପାଇଁ ସବୁଠାରୁ ପ୍ରକୃଷ୍ଟ ସମୟ- ଆସନ୍ତୁ, ସମସ୍ତେ ସାଙ୍ଗହୋଇ ଏହି ସଂଗ୍ରାମରେ ଅଂଶଗ୍ରହଣ କରିବା ।

**ପ୍ରସାଦ ତ୍ରିପାଠୀ**

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ । ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ । ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି । ମାତୃଭବନ ପତ୍ର ସମ୍ପର୍କରେ କିଛି ଜାଣିବାକୁ ଥିଲେ **ମୋ:୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ । **ଅଭିଯୋଗ ଜଣାଇବା ସମୟରେ ନିଜର ମୋବାଇଲ ନମ୍ବର ଦେବାକୁ ଅନୁରୋଧ ।**

**ପରିଚାଳକ**

# ସଙ୍ଗଠନ ସମାଚାର

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଃ–** ଏପ୍ରିଲ ୩୦ ଓ ମେ ୧ ତାରିଖରେ ରାଜ୍ୟସ୍ତରୀୟ ୩୬ତମ ପୂଜ୍ୟ ଅଧ୍ୟାପକ ପ୍ରପତ୍ତି ସ୍ମାରକୀ ବକ୍ତୃତାମାଳା ମାତୃଭବନ, କଟକ ଏବଂ ଶ୍ରୀମୀରା ଆଶ୍ରମ, କେନ୍ଦ୍ରାପଡାଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ସରୋଜକାନ୍ତ ମିଶ୍ର "ଯଥାର୍ଥ ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ଦୁଃସାହସିକ ଅଭିଯାନ" ଏବଂ ଦ୍ୱିତୀୟ ଦିବସରେ "ଶ୍ରୀମା ନା ଶ୍ରୀମା'ଙ୍କ କାର୍ଯ୍ୟ" ସମ୍ପର୍କରେ ଏବଂ ପ୍ରସାଦ ତ୍ରିପାଠୀ "ପ୍ରପତ୍ତିଙ୍କ ସହ ବିତାଇଥିବା ମୁହୂର୍ତ୍ତ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡ. ଶ୍ୟାମା କାନୁନଗୋ, ଆଭା କାନୁନଗୋ, ସମରେନ୍ଦ୍ର ରାଉତ ତଥା ଅନେକ ମାତୃପ୍ରେମୀ ଅପା ଭାଇ ଯୋଗଦାନ କରିଥିଲେ ।

... ମେ ୩ ରୁ ୧୦ ତାରିଖ ପର୍ଯ୍ୟନ୍ତ ସାତଦିନ ବ୍ୟାପୀ ଶ୍ରୀଅରବିନ୍ଦ ପାଠଚକ୍ର ତାଲିମ ଶିବିର ମାତୃଭବନ, କଟକଠାରେ ଅନୁଷ୍ଠିତ ହୋଇଯାଇଛି । ମେ ୩ ତାରିଖ ଦିନ ମାତୃଭବନ, କଟକଠାରେ ଉଦ୍‌ଘାଟନୀ ଉତ୍ସବ କରାଯାଇଥିଲା । ଏହି ଶିବିରରେ ଓଡିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଇତିହାସ", "ଶ୍ରୀଅରବିନ୍ଦ ଲୋକ ସାହିତ୍ୟ ଓ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ", "ଜୀବନର ଲକ୍ଷ୍ୟ", "ଶ୍ରୀଅରବିନ୍ଦ ହେଉଛନ୍ତି ଅବତାର", "ସୁପ୍ରିମ ମଦର୍", "ମା' ପୁସ୍ତକର - ୧ମ, ୨ୟ, ୩. ୪ର୍ଥ ଓ ୫ମ ଅଧ୍ୟାୟ", "ଶ୍ରୀଅରବିନ୍ଦ ପାଠଚକ୍ର - ପୂର୍ଣ୍ଣଯୋଗର ଯଜ୍ଞଶାଳା", "ଦେବ ମୁହୂର୍ତ୍ତ", "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ", "ଦଶକର୍ମଧାରା", "plains and parts of the Being", "ଜୀବନ ବିଜ୍ଞାନ", "ରୂପାନ୍ତର ଯୋଗରେ ନାମଜପ", "ଗାର୍ହ୍ୟସ୍ଥ ଧର୍ମ", "ଦିବ୍ୟ ଯୁଗ ସ୍ଥାପନାରେ ନାରୀ", "ଶ୍ରୀମା'ଙ୍କ ୧୫୦ତମ ଜନ୍ମବାର୍ଷିକୀ", "ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶ୍ରୀମା'ଙ୍କ ଭୂମିକା", "ବ୍ରହ୍ମଚର୍ଯ୍ୟ ଓ କୈଶୋର", "ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶର ପ୍ରତୀକ ଓ ସଙ୍ଗଠକମାନଙ୍କର ଦାୟିତ୍ୱ", "ପୂର୍ଣ୍ଣାଙ୍ଗ ଜୀବନରେ ଶରୀରଚର୍ଚ୍ଚା", "ଚୈତ୍ୟ ଆବିଷ୍କାର", "ସୁରକ୍ଷିତ ଓ ପ୍ରବୃଦ୍ଧ ମାତୃତ୍ୱ", "ଶ୍ରୀଅରବିନ୍ଦଙ୍କ ତିନୋଟି ପାଗଳାମି", "ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକଙ୍କ ଦାୟିତ୍ୱ", "ମା'ଙ୍କ

ଆଶୀର୍ବାଦ", "ନୂତନ ଶ୍ରୀଅରବିନ୍ଦ ପାଠଚକ୍ରର ଆୟୋଜନ" ସମ୍ପର୍କରେ ପ୍ରସାଦ ତ୍ରିପାଠୀ, ଯଶସ୍ୱିନୀ ରାୟ, ସନ୍ଧ୍ୟା ମହାନ୍ତି, କପିଳାଶ ପ୍ରସାଦ ଦାଶ, ଅଞ୍ଜଳି ତ୍ରିପାଠୀ, ପଦ୍ମଲୋଚନ ପୋଥାଳ, ନିଶିଥ ରଞ୍ଜନ ରାଉତ, ସମରେନ୍ଦ୍ର ରାଉତ, ଡ. ବିରଞ୍ଚି ନାରାୟଣ ମହାପାତ୍ର, ଅଞ୍ଜନା ପ୍ରଧାନ, ମନୋରମା ନାୟକ, ଧରିତ୍ରୀ ରାଉତ, ଡ. ଶ୍ୟାମା କାନୁନଗୋ, ଗୀତାଞ୍ଜଳୀ ସେନାପତି, ଆଭା କାନୁନଗୋ, ଅନୀତା ପାତ୍ର, ଶରତ ଚନ୍ଦ୍ର ମିଶ୍ର ଓ ନିରୁପମା ପରିଡା ପ୍ରମୁଖ ଆଲୋଚନା କରିଥିଲେ।

... ମେ ୬ ରୁ ୧୭ ତାରିଖ ପର୍ଯ୍ୟନ୍ତ ନବ ଜୀବନ ଶିକ୍ଷା ସଂସଦ ତରଫରୁ ଗ୍ରୀଷ୍ମକାଳୀନ ଶିକ୍ଷକ/ଶିକ୍ଷୟିତ୍ରୀ ତାଲିମ ଶିବିର ମାତୃବଭନ, କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ୍ ଶିବିରରେ ପ୍ରି.ପ୍ରାଇମେରୀ, ଇଣ୍ଟିଗ୍ରେଟେଡ୍, ସଂସ୍କୃତ, ଓଡିଆ, ବିଜ୍ଞାନ ଓ ଗଣିତ, ଶାରିରୀକ ଏବଂ ଇଂରାଜୀ ଏହିଭଳି ୭ଟି କାର୍ଯ୍ୟଶାଳା କରାଯାଇଥିଲା। ଏହି ଗ୍ରୀଷ୍ମକାଳୀନ ତାଲିମ ଶିବିରରେ ବିଭିନ୍ନ ବିଷୟ ସହିତ ଶ୍ରୀମାଶ୍ରୀଅରବିନ୍ଦଙ୍କ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟା ଅଧିବେଶନରେ "ଶ୍ରୀଅରବିନ୍ଦ", "Who am I?", "Education for transformation", "An aimless life is a miserable life", "Free progress system","Classroom management", "Teacher ought to be a yogi", "Competency based education", "Evaluation process", "Growing soul", ସମ୍ପର୍କରେ କପିଳାଶ ପ୍ରସାଦ ଦାଶ, ସଞ୍ଜୟ କୁମାର ମହାପାତ୍ର, ବ୍ରଜ ମୋହନ ବେହେରା, ନିଶିଥ ରଞ୍ଜନ ରାଉତ, ସମରେନ୍ଦ୍ର ରାଉତ, ଅଞ୍ଜଳି ତ୍ରିପାଠୀ, ପଦ୍ମଲୋଚନ ପୋଥାଳ, ଡ. ତାପସ କୁମାର ନାୟକ ଓ ଡ. ବିରଞ୍ଚି ନାରାୟଣ ମହାପାତ୍ର ଆଲୋଚନା କରିଥିଲେ। ୧୩ ତାରିଖ ପୂର୍ବାହ୍ନରେ ପ୍ରସାଦ ତ୍ରିପାଠୀଙ୍କ ପରିଚ୍ଳନାରେ ଉକ୍ତ ଶିବିରର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେଥିରେ ବିଭିନ୍ନ ଗ୍ରୁପର ବିବରଣୀ ପାଠ କରାଯାଇଥିଲା। ଏହି ଗ୍ରୀଷ୍ମକାଳୀନ ଶିବିରରେ ୨୭ଟି ଜିଲ୍ଲାର ୧୨୫ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ୨୬୭ଜଣ ଅପା/ଭାଇ ଏବଂ ଛତିଶଗଡରୁ ଜଣେ ଅପା ଯୋଗଦାନ କରିଥିଲେ ଏବଂ

୨୮ ଜଣ ପ୍ରଶିକ୍ଷଣ ଶିକ୍ଷକ/ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ତାସହିତ New Life Education Trustର ସମସ୍ତ ସଭ୍ୟ ମଧ୍ୟ ଅଂଶଗ୍ରହଣ କରିଥିଲେ।

... ମେ ୩ ରୁ ୨୨ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ହେଲଥ୍ ସ୍କ୍ୱାର୍ଡ ଟ୍ରେନିଂ ଶିବିର କ୍ଷେତ୍ରମୋହନ ସେବାସଦନ, ରାଣୀହାଟ, କଟକଠାରେ ଡ. ଶ୍ୟାମା କାନୁନଗୋଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ମେ ୩ ତାରିଖ ଦିନ ମାତୃଭବନ, କଟକଠାରେ ଉଦ୍‌ଘାଟନୀ ଉତ୍ସବ କରାଯାଇଥିଲା। କ୍ଷେତ୍ରମୋହନ ସେବାସଦନଠାରେ ଅନୁଷ୍ଠିତ ଏହି ଶିବିରରେ ସୁମନ କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ପ୍ରସାଦ ତ୍ରିପାଠୀ, ମନୋରମା ନାୟକ, ଅଞ୍ଜଳି ତ୍ରିପାଠୀ, କପିଳାଶ ପ୍ରସାଦ ଦାଶ, ପଦ୍ମଲୋଚନ ପୋଥାଳ, ସମରେନ୍ଦ୍ର ରାଉତ, ନିଶିଥ ରଞ୍ଜନ ରାଉତ, ଡ. ଅକ୍ଷୟ କୁମାର ମିଶ୍ର, ଲୀନା ସାହୁ, ସୌମିତ୍ର ଦାଶ, ମଦନ ମୋହନ ପ୍ରଧାନ, ରେଣୁବାଳା ସାମଲ, ପ୍ରଫେସର ରମାମଣୀ ଦଳାଇ, ଗୀତାଞ୍ଜଳି ରଥ, ଡ. ଅଭୟ ପଟ୍ଟନାୟକ, ଡ. ପ୍ରଶାନ୍ତ ନନ୍ଦ, ଡ. କେ.ସି. ମହାପାତ୍ର, ପ୍ରଫେସର. ହେମାମାଳିନୀ ରଥ, ପ୍ରଫେସର ସ୍ମୃତି ସ୍ୱାଇଁ, ଯଶସ୍ୱିନୀ ରାୟ, ଡ. ବିଜୟ କୁମାର ସାହୁ, ଡ. ପ୍ରତାପ ରଥ, ଡ. ସଙ୍ଘମିତ୍ରା ପଣ୍ଡା, ପ୍ରଫେସର ସୀମା ପରିଜା, ଡ. ତୋଫାନ ପତି, ଡ. ଶ୍ୟାମା କାନୁନଗୋ, ଶ୍ରୀଧର ବେହେରା ତଥା ପଣ୍ଡିଚେରୀରୁ ଯୋଗେଶ ମୋହନ ଓ ସୌମିତ୍ର ବସୁ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀଧର ବେହେରା ଓ ବିପିନ ବିହାରୀ ଦାସ ସଞ୍ଚୋଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୬ ଟି ଜିଲ୍ଲାରୁ ସୁମନ କର୍ମୀଙ୍କ ସହିତ ଶ୍ରୀଧର ସାହୁ ଅଂଶଗ୍ରହଣ କରିଥିଲେ।

### ଆସ୍ପୃହା ମଣ୍ଡଳ

**ଗଞ୍ଜାମ:–** ୧.୫.୨୬ରେ ପୋଲସରା ବ୍ଲକ୍ ଅନ୍ତର୍ଗତ ଉସ୍ତାପଡା ଗ୍ରାମରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ବାର୍ଷିକ ଉତ୍ସବ କୀର୍ତ୍ତନ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରୋଜିନୀ ପ୍ରଧାନ "ଚେତନାକୁ ଉଚ୍ଚରେ ରଖ", ମୃତ୍ୟୁଞ୍ଜୟ ଜେନା "କର୍ମ ଓ ଦିବ୍ୟ କର୍ମ", ସୁବାସ ଚନ୍ଦ୍ର ସାହୁ "ଭକ୍ତି ଯୋଗ" ଓ ସନ୍ତୋଷ କୁମାର ବେହେରା "ଆଦର୍ଶ ମନୋଭାବ" ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶି ସ୍ୱାଇଁ, ଲକ୍ଷ୍ମୀ ସ୍ୱାଇଁ, ପୁଷ୍ପା ସ୍ୱାଇଁ, ସତ୍ୟଭାମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।... ୪.୫.୨୬ରେ ପୋଲସରା ବ୍ଲକ୍ ଅନ୍ତର୍ଗତ ଉସ୍ତାପଡାସ୍ଥିତ

ବିରାଲ୍ ସେନ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ବିକାଶ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରୋଜିନୀ ପ୍ରଧାନ "ଭୟକୁ ଜୟ କରିବାର ଉପାୟ", ସୁବାସ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦ ପାଠଚକ୍ର ଓ ଯୋଗ" ଓ କୀର୍ତ୍ତନ ପ୍ରଧାନ "ମା'ଙ୍କୁ ଭଲ ପାଅ" ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶଶି ସାଇଁ, ଲକ୍ଷ୍ମୀ ସ୍ୱାଇଁ, ପୁଷ୍ପା ସାଇଁ, ସତ୍ୟଭାମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**ଗଜପତି–** ୩୦.୪.୨୬ଠାରେ ଶ୍ରୀଅରବିନ୍ଦ ସୋସାଇଟି, ପାରଳାଖେମୁଣ୍ଡିଠାରେ ପୂଜ୍ୟ ପ୍ରପତ୍ତି ମହାଶୟଙ୍କ ଜନ୍ମଦିନ ତଥା ପୂର୍ଣ୍ଣାଙ୍ଗ ଶିକ୍ଷା ଦିବସ ନିମନ୍ତେ ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ "ପ୍ରପତ୍ତିଙ୍କ ଜୀବନୀ ତଥା ଓଡିଶାରେ ତାଙ୍କ କାର୍ଯ୍ୟଧାରା" ବିଷୟରେ ଗିରିଶ ଚନ୍ଦ୍ର ଦାସ ବିଷୋୟୀ, "ପ୍ରପତ୍ତିଙ୍କ ଜନ୍ମଦିନରେ ଆମ ସଂକଳ୍ପ" ବିଷୟରେ ଅରବିନ୍ଦ ଦାସ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷା ଓ NEP- ୨୦୨୦" ବିଷୟରେ ହରିନାଥ ପାତ୍ର ଆଲୋଚନା କରିଥିଲେ । ପୂର୍ଣ୍ଣାଙ୍ଗ ଶିକ୍ଷା ଦିବସ ପରିପ୍ରେକ୍ଷୀରେ ଶିକ୍ଷାକେନ୍ଦ୍ର ତରଫରୁ ଏକ ପତ୍ରିକା ଉନ୍ମୋଚନ କରାଯାଇଥିଲା ।... ୯.୫.୨୬ରେ ବଡ ବ୍ରାହ୍ମଣ ସାହିସ୍ଥିତ ବଳରାମ ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୧୬.୫.୨୬ରେ ମାତୃପୀଠ, ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସାବିତ୍ରୀ ମହାକାବ୍ୟରୁ "The Debate of Love and Death" ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ଆସ୍ପା ମଣ୍ଡଳ

**ବାଲେଶ୍ୱର:–** ୧୧.୫.୨୬ରେ ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ଇନ୍ଦୁ ମାଧବ ସାର୍‌ଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବରେ ଦୟାନିଧି ପାତ୍ର ଓ ସଞ୍ଜୁକ୍ତା ପ୍ରଧାନଙ୍କ ସମେତ ଅନେକ ମାତୃପ୍ରେମୀ ଅପାଭାଇ ଅଂଶଗ୍ରହଣ କରିଥିଲେ ।... ୨୩.୪.୨୬ରେ ଜଳେଶ୍ୱରସ୍ଥିତ ପ୍ରଫୁଲ୍ଲ କୁମାର ଦେଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଦିବ୍ୟ ଜୀବନର ସମ୍ଭାବନା" ସମ୍ପର୍କରେ ସ୍ୱାଧ୍ୟାୟ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସୁଷମା ଭୂୟାଁ, ଦେବପ୍ରସାଦ ଜେନା ଓ ସଞ୍ଜୁକ୍ତା ପ୍ରଧାନ ଅଂଶଗ୍ରହଣ କରିଥିଲେ ।... ୨୪.୪.୨୬ରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ରାଇବଣିଆ, ଭଦୁଆ,

ବରୋଡିହା, ନାସ୍କୋ, ଛମୌଜା, ଦେବକୁମାର, ବର୍ତ୍ତନା ଆଦି ସ୍ଥାନମାନଙ୍କରେ ଦିବ୍ୟଜନନୀ ଶ୍ରୀମା'ଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ରମାନ ଅନୁଷ୍ଠିତ ହୋଇଯାଇଛି।... ୩୦.୪.୨୬ରେ ଶେଖବାଡସ୍ଥିତ ସରୋଜ ରଞ୍ଜନ ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସତ୍ୟ ହିଁ ଭଗବାନ" ବିଷୟରେ ସଞ୍ଜୁକ୍ତା ପ୍ରଧାନ ଓ ଧୀରେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ମେ ୧ ଓ ୪ ତାରିଖରେ କାଳିକସ୍ଥିତ ନବକୁମାର ବାରିକ ଓ ଗୋପାଳ ଚନ୍ଦ୍ର ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୦.୫.୨୬ରେ ଭଦୁଆସ୍ଥିତ ଲକ୍ଷ୍ମୀଧର ବାରିକଙ୍କ ବାସଭବନରେ ପଞ୍ଚଦଶତମ ବାର୍ଷିକୋତ୍ସବରେ "ମାତୃକୃପା" ସମ୍ପର୍କରେ ଧୀରେନ୍ଦ୍ର ପ୍ରଧାନ, ପ୍ରତାପ ଦାସ ଓ ସଞ୍ଜୁକ୍ତା ପ୍ରଧାନ ଆଲୋଚନା କରିଥିଲେ।... ୧୧.୫.୨୬ରେ ଅସ୍ତଡିହାସ୍ଥିତ ସତ୍ୟରଞ୍ଜନ ପରିଡାଙ୍କ ବାସଭବନରେ ସପ୍ତବିଂଶତମ ଶ୍ରୀମୀରାରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦୂରନ୍ତ ପଥ ମା'ଙ୍କ ସହିତ" ସମ୍ପର୍କରେ ଜଗନ୍ନାଥ ପୃଷ୍ଟି, ଧୀରେନ୍ଦ୍ର ପ୍ରଧାନ ଓ ପ୍ରତାପ ଦାସ ଆଲୋଚନା କରିଥିଲେ ଏବଂ ସତ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।... ୧୧.୫.୨୬ରେ କାଳିକସ୍ଥିତ ରବିନ୍ଦ୍ର ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରତାପ ଚନ୍ଦ୍ର ଦାସଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି।... ୧୬.୫.୨୬ରେ ଲୁହାପଡାସ୍ଥିତ ପ୍ରଦୀପ କୁମାର ଜେନାଙ୍କ ବାସଭବନରେ ନବଚେତନା ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର ଧୀରେନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୁରାତନ ଯୋଗ ଓ ପୂର୍ଣ୍ଣଯୋଗ" ସମ୍ପର୍କରେ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ ଏବଂ ପ୍ରଦୀପ କୁମାର ଜେନା କୃତଜ୍ଞତା ଜଣାଇଥିଲେ।... ୨୦.୫.୨୬ରେ ଜଳେଶ୍ୱରସ୍ଥିତ ଗଙ୍ଗାନାରାୟଣ ପ୍ରଧାନଙ୍କ ବାସଭବନରେ ଅରୋମୀରା ନିବାସଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟପ୍ରେମର ବିକୃତି ହେଲା ମାନୁଷୀ ପ୍ରେମ" ଓ "ମା'ଙ୍କ ସହ ଅନ୍ତରଙ୍ଗ" ସମ୍ପର୍କରେ ଡ. ଶାନ୍ତନୁ କୁମାର ମିଶ୍ର ଓ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ।

**ଭଦ୍ରକ:-** ୨୪.୪.୨୬ରେ ନାଆଁମୀସ୍ଥିତ ରମାମଣୀ ବେହେରାଙ୍କ ବାସଭବନରେ ବ୍ଲକସ୍ତରୀୟ ଆଞ୍ଚଳିକ ଶ୍ରୀଅରବିନ୍ଦ ପାଠଚକ୍ର ତଥା ଦିବ୍ୟଜନନୀ ଶ୍ରୀମା'ଙ୍କ ପଣ୍ଡିଚେରୀ ଆଗମନ ଦିବସ ପାଳିତ ହୋଇଯାଇଛି। ଏଥିରେ ହୃଷିକେଶ ମିଶ୍ର ପ୍ରାରମ୍ଭିକ ସୂଚନା, ରାହାସ ବିହାରୀ ଜେନା "ଦର୍ଶନ ଦିବସର ଗୁରୁତ୍ୱ ଓ ମା'ଙ୍କ କୃପା" ଏବଂ ମନୋରଞ୍ଜନ ଜେନା "ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୀନବନ୍ଧୁ ରାଉତ ଓ ନିହାର ରଞ୍ଜନ ଜେନା ଅଂଶଗ୍ରହଣ କରିଥିଲେ।... ୨୪.୪.୨୬ରେ ରାଜେନ୍ଦ୍ରପୁରସ୍ଥିତ ଅନନ୍ତ କୁମାର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗିରଥୀ ସାହୁଙ୍କ ଦ୍ୱାରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ହୃଷିକେଶ ମିଶ୍ର "ପରିବାର ଉପରେ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଭାବ" ସମ୍ପର୍କରେ ଅଲୋଚନା କରିଥିଲେ। ପରିଶେଷରେ ଅନନ୍ତ କୁମାର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ।... ୧.୫.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,ବନ୍ଦାଳୋଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଷିକେଶ ମିଶ୍ର ଓ ଦୀପକ ଜେନା ଅଂଶଗ୍ରହଣ କରିଥିଲେ।... ୫.୫.୨୬ରେ କଣ୍ଟିସ୍ଥିତ ଅରୁଣ କୁମାର ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଦାଧର ଜେନା, ହୃଷିକେଶ ମିଶ୍ର ଓ ଅରୁଣ କୁମାର ଜେନା ଅଂଶଗ୍ରହଣ କରିଥିଲେ।... ୮.୫.୨୬ରେ ଖପୁରୀଆପଦାସ୍ଥିତ ଭାଗିରଥୀ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅହଂକାର କିପରି ସାଧନା ପଥରେ ସାହାଯ୍ୟ କରେ ଏବଂ ବାଧା ଦିଏ" ସମ୍ପର୍କରେ ଭାଗିରଥୀ ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟବ୍ରତ ପତି ଓ ମନୋରଞ୍ଜନ ଜେନା ଅଂଶଗ୍ରହଣ କରିଥିଲେ।... ୧୧.୫.୨୬ରେ ବନ୍ଦାଳୋସ୍ଥିତ ମନୋରଞ୍ଜନ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ହୃଷିକେଶ ମିଶ୍ର ଓ "କ୍ରୋଧ ଓ ତାର ନିୟନ୍ତ୍ରଣ" ସମ୍ପର୍କରେ ଭାଗିରଥୀ ସାହୁ ଆଲୋଚନା କରିଥିଲେ।... ୧୫.୫.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଦାଳୋଠାରେ ଶ୍ରୀଅରବିନ୍ଦ

ପାଠଚକ୍ର ହୃଷିକେଶ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୋରଞ୍ଜନ ଜେନା "ଜଗତରେ ଏତେ ଦୁଃଖ କାହିଁକି ?" ସମ୍ପର୍କରେ ଆଲୋଚନା କରିଥିଲେ।

**କୃପା ମଣ୍ଡଳ**

**ଢେଙ୍କାନାଳ:-** ୨୦.୪.୨୬ରେ କଙ୍କଡାହାଡସ୍ଥିତ ନକୁଳ ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନ୍ତଳା ବେହେରା "କାର୍ଯ୍ୟରେ ସମର୍ପିତ ହେବା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚିନ୍ମୟୀ ବେହେରା, ଭାଗବତୀ ବେହେରା ସହଯୋଗ କରିଥିଲେ।... ୨୧.୪.୨୬ରେ ଶ୍ୟାମାଚରଣପୁରସ୍ଥିତ ଜିତେନ୍ଦ୍ର ସେନାପତିଙ୍କ ବାସଭବନରେ ଦିବ୍ୟଜୀବନ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦେବ ମୁହୂର୍ତ୍ତ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତିଲତା ଦାଶ, ଶୁଭଲକ୍ଷ୍ମୀ ସେନାପତି, ରାଜଶ୍ରୀ ପଟ୍ଟନାୟକ ଓ ଅନୁସୂୟା ବେହେରା ସହଯୋଗ କରିଥିଲେ।... ୨୨.୪.୨୬ରେ ସିମିଳିଆସ୍ଥିତ ଜସ୍ମିନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟ ସଙ୍ଗତି ଆଞ୍ଚଳିକ ପାଠଚକ୍ରର ୨୩ତମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ପୂର୍ଣ୍ଣଯୋଗ ପ୍ରବାହ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜଶ୍ରୀ ପଟ୍ଟନାୟକ, ଜ୍ୟୋତିର୍ମୟୀ ରାଉତ ଓ ପ୍ରଶାନ୍ତି ସାହୁ ସହଯୋଗ କରିଥିଲେ।... ୨୨.୪.୨୬ରେ ବୋରାପଦାସ୍ଥିତ ରାଜଶ୍ରୀ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରରେ "ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୨୩.୪.୨୬ରେ ଧଳପଡା ପଞ୍ଚାୟତସ୍ଥିତ ଅନଳ ଗ୍ରାମରେ ଦୌପଦୀ ବେହେରାଙ୍କ ବାସଭବନରେ ମା' ମୀରା ଶ୍ରୀଅରବିନ୍ଦ ପାଠଚକ୍ରର ଚତୁର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ତ୍ରିବିଧ କର୍ମର ସ୍ୱରୂପ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୀମା ମହାନ୍ତ, ଶୁଭସ୍ମିତା ମହାନ୍ତ ଓ ରୀନା ଟୁଡୁ ସହଯୋଗ କରିଥିଲେ।... ୨୩.୪.୨୬ରେ ଯୋରନ୍ଦା ଅନ୍ତର୍ଗତ ନିରୁପମା ବେହେରାଙ୍କ ବାସଭବନରେ ଦିବ୍ୟଜନନୀ ଶ୍ରୀଅରବିନ୍ଦ ପାଠଚକ୍ରର ଦଶମ ବାର୍ଷିକୋତ୍ସବରେ

ସୁଲୋଚନା ସାହୁ "ନୈତିକତା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସବିତା ସାହୁ, ସାଇ ଓମ୍‌କାର ବେହେରା ଓ ରଶ୍ମିତା ବେହେରା ସହଯୋଗ କରିଥିଲେ।... ୨୪.୪.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପଲ୍ଲୀ, ମେଦିନୀପୁରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଏପ୍ରିଲ ୨୪ ଦର୍ଶନ ଦିବସର ମହତ୍ତ୍ୱ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ।... ୨୪.୪.୨୬ରେ କଙ୍କଡାହାଡସ୍ଥିତ ବୀର ବେହେରା ଓ ମମତା ବେହେରାଙ୍କ ବାସଭବନରେ କରୁଣାମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୨୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି ଓ କିପରି" ସମ୍ପର୍କରେ କୁନ୍ତଳା ବେହେରା ଆଲୋଚନା କରିଥିଲେ।... ୨୬.୪.୨୬ରେ ଜିନାଇଲୋସ୍ଥିତ ବିଜୟ ସ୍ୱାଇଁଙ୍କ ବାସଭବନରେ ଦିବ୍ୟତା ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ଭଗବାନଙ୍କ ଯନ୍ତ୍ର ହେବାର ଉପାୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରରେ ଲକ୍ଷ୍ମୀ ମହାନ୍ତି, ସତ୍ୟଭାମା ସ୍ୱାଇଁ, ଲଭ୍‌ଲି ସ୍ୱାଇଁ ଓ ମୋନାଲିସା ମହାରଣା ସହଯୋଗ କରିଥିଲେ।... ୨୭.୪.୨୬ରେ ଲକ୍ଷ୍ମୀଧରପୁରସ୍ଥିତ ଶିବ ସାହୁଙ୍କ ବାସଭବନରେ ନବସୃଷ୍ଟି ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ସତ୍‌ସଙ୍ଗ ଜୀବନ ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରମା ସାହୁ, ପ୍ରଭାତ ଗୁନ୍ଦ, ଟ୍ୱିଙ୍କିଲ ମହାରଣା, ମୋନାଲିସା ମହାରଣା ଓ ଆଶିଷ ମହାନ୍ତ ସହଯୋଗ କରିଥିଲେ।... ୨୮.୪.୨୬ରେ ଧଳପଡା ପଞ୍ଚାୟତସ୍ଥିତ କୃଷ୍ଣପୁର ଗ୍ରାମର ଲୋଚନ ମହାନ୍ତଙ୍କ ବାସଭବନରେ ବ୍ୟଷ୍ଟି ସ୍ୱରୂପା ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ବାଧା ବିପତ୍ତି ଦ୍ୱାରା ସାଧନାର ଉନ୍ନତି" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ମହାନ୍ତ, ଶୁଭସ୍ମିତା ମହାନ୍ତି, ଅମିତା ମହାନ୍ତ ଓ ବୈଭବୀ ଜେନା ସହଯୋଗ କରିଥିଲେ।... ୧.୫.୨୬ରେ ଗନ୍ଦିଆ ବ୍ଲକ ଝିଲ୍ଲୀସ୍ଥିତ କୈଳାସ ଚନ୍ଦ୍ର ସେନାପତିଙ୍କ ବାସଭବନରେ ନବ ଚେତନା ଶ୍ରୀଅରବିନ୍ଦ ପାଠଚକ୍ରର ଦଶମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ଯଥାର୍ଥ ଦିବ୍ୟକର୍ମ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ

କାର୍ଯ୍ୟକ୍ରମରେ ମମତା ବେହେରା, ଅବନ୍ତୀ ସେନାପତି ଓ ସବିତା ସାହୁ ଆଲୋଚନା କରିଥିଲେ।... ୧.୫.୨୬ରେ ଲକ୍ଷ୍ମୀଧରପୁରସ୍ଥିତ ମାନସ ନାୟକଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନାରୀମାନଙ୍କ ତପଃ ଶକ୍ତିର କ୍ଷୀଣତା" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବବି ନାୟକ, ଶୁଭସ୍ମିତା ନାୟକ ଓ ଅବନ୍ତୀ ସାହୁ ସହଯୋଗ କରିଥିଲେ।... ୧.୫.୨୬ରେ ସିମିଳିପାଟଣାସ୍ଥିତ ମୀରାମ୍ବିକା ପାଠଚକ୍ର ଓ ଦିବ୍ୟଜ୍ଞାନ ପାଠଚକ୍ରର ସାମୁହିକ ୧୪ତମ ବାର୍ଷିକୋତ୍ସବ ହରି ପ୍ରଧାନଙ୍କ ବାସଭବନରେ ଝୁନାରାଣୀ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ ଧରିତ୍ରୀ ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅର୍ଚ୍ଚନା ଆଲୋକ, ପ୍ରତିମା ସାହୁ ସହଯୋଗ କରିଥିଲେ।... ୨.୫.୨୬ରେ ଅନଳସ୍ଥିତ ପ୍ରଦୀପ୍ତ ପ୍ରଧାନଙ୍କ ବାସଭବନରେ ମୀରାମ୍ବିକା ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବର୍ତ୍ତମାନ ପୂର୍ଣ୍ଣ ପରିବର୍ତ୍ତନର ସମୟ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୟନ୍ତୀ ପ୍ରଧାନ, ସୂର୍ଯ୍ୟ ପ୍ରଧାନ, ସାଇ ପ୍ରଧାନ ସହଯୋଗ କରିଥିଲେ।... ୫.୫.୨୬ରେ କଙ୍କଡାହାଡସ୍ଥିତ ସନ୍ତୋଷ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ମୀରାମ୍ବିକା ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବରେ ନିରଞ୍ଜନ ମହାପାତ୍ର "ମଣିଷ ଜୀବନର ଲକ୍ଷ୍ୟ ଓ ନାରୀର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୟନ୍ତୀ ସାହୁ ଓ ଭଗବତୀ ସାହୁ ସହଯୋଗ କରିଥିଲେ।... ୬.୫.୨୬ରେ ଯମୁନାକୋଟସ୍ଥିତ ସନ୍ତୋଷ ନାୟକଙ୍କ ବାସଭବନରେ ସିଦ୍ଧି ପ୍ରଦାୟିନୀ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ପୁରୁଷୋତ୍ତମ ତତ୍ତ୍ୱର ସ୍ୱରୂପ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲିପିନା ନାୟକ, ଲକ୍ଷ୍ମୀ ମହାନ୍ତି, ସୁଚିସ୍ମିତା ନାୟକ ଓ ସତ୍ୟବ୍ରତ ନାୟକ ସହଯୋଗ କରିଥିଲେ।... ୬.୫.୨୬ରେ କୁଞ୍ଜକାନ୍ତସ୍ଥିତ ପ୍ରିତିସୁଧା ସାମଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରରେ ସୁଲୋଚନା ସାହୁ "ଶିକ୍ଷା" ପୁସ୍ତକ ପାଠ କରି ଆଲୋଚନା

କରିଥିଲେ।... ୭.୫.୨୬ରେ କୁଞ୍ଜକାନ୍ତସ୍ଥିତ ସବିତା ବେହେରାଙ୍କ ବାସଭବନରେ ସତ୍ୟ ଆଲୋକ ଶ୍ରୀଅରବିନ୍ଦ ପାଠଚକ୍ରର ଚତୁର୍ଥ ବାର୍ଷିକୋତ୍ସବରେ ଶଶୀରେଖା ମହାନ୍ତି "ଭୟ କିପରି ଦୂର ହେବ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିନୋଦିନୀ ବେହେରା, ମମତା ବେହେରା ଓ ସୁଲୋଚନା ବେହେରା ସହଯୋଗ କରିଥିଲେ।... ୮.୫.୨୬ରେ ଦିଘିସ୍ଥିତ ମନୋଜ କୁମାର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ସ୍ୱର୍ଣ୍ଣସେତୁ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ଶ୍ରୀଅରବିନ୍ଦ ଯୋଗର ସାଧନା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଶ୍ମିତା ବେହେରା, ବୈଭବୀ ଜେନା, ଟ୍ୱିଙ୍କିଲ ବେହେରା ଓ ଦ୍ରୋଣ ପ୍ରଧାନ ସହଯୋଗ କରିଥିଲେ।... ୯.୫.୨୬ରେ ଓରିଗାଁ ବାଲିସାହିସ୍ଥିତ ପୁଷ୍ପାଞ୍ଜଳି ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ସାଧନାଳୟ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ବିଶ୍ୱାସ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାତ ଚନ୍ଦ୍ର, ଠାକୁର ସୋରେନ୍ ଗାନ, ଲକ୍ଷ୍ମୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।... ୯.୫.୨୬ରେ ଷ୍ଟେସନ ବଜାରସ୍ଥିତ ସିପ୍ରା ମହାନ୍ତିଙ୍କ ବାସଭବନରେ ମାତୃଚେତନା ପାଠଚକ୍ରର ୨୩ତମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ପୃଥିବୀର ଶ୍ରେଷ୍ଠ ଜୀବ ମନୁଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ସାହୁ, ଶରତ କୁମାରୀ ଭଞ୍ଜ ଓ ଶାନ୍ତିଲତା ଦାଶ ପ୍ରମୁଖ ସହଯୋଗ କରିଥିଲେ।... ୧୨.୫.୨୬ରେ କଙ୍କଡାହାଡସ୍ଥିତ ରମା ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆନ୍ତରିକ ପାଠଚକ୍ରର ୧୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମା' ପୁସ୍ତକର ପ୍ରଥମ ଅଧ୍ୟାୟରୁ କିଛି ଅଂଶ ପାଠ କରି ସାମୁହିକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାଗବତୀ ବେହେରା ଓ ମାଳତୀ ମହାରଣା ସହଯୋଗ କରିଥିଲେ।... ୧୮.୫.୨୬ରେ ରାଜବାଟୀଚୌକସ୍ଥିତ ଶ୍ରୀଅରବିନ୍ଦ ଭବନଠାରେ ସଦର ବ୍ଲକ ସଙ୍ଗଠକ ସମାବେଶ ଅନୁଷ୍ଠିତ ହୋଇଯାଇଛି।... ୧୯.୫.୨୬ରେ ସିମିଳିଆସ୍ଥିତ ଅଞ୍ଜଳି ବେହେରାଙ୍କ ବାସଭବନରେ ଦିବ୍ୟ ସଙ୍ଗତି ଶ୍ରୀଅରବିନ୍ଦ ପାଠଚକ୍ରର ମାସିକିଆ ଆଞ୍ଚଳିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲୋଚନା ସାହୁ ମା' ପୁସ୍ତକ ପାଠ କରି ଆଲୋଚନା କରିଥିଲେ।

**ସତ୍ୟ ମଣ୍ଡଳ**

**କଟକ:–** ୯.୪.୨୬ରେ ଶ୍ରୀରାମସ୍ଥିତ ଧର୍ମାନନ୍ଦ ପାଣ୍ଡେଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଅତିମାନବର ଆବିର୍ଭାବ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୬.୪.୨୬ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ ସାଧନାପୀଠଠାରେ ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବ୍ୟକ୍ତିଗତ ପ୍ରୟାସ ଓ ଦିବ୍ୟକୃପା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୭.୪.୨୬ରେ ବକ୍ସିଣିଆସ୍ଥିତ ଭକ୍ତ ଭବନଠାରେ ଶଙ୍କର୍ଷଣ ସେନାପତିଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୮.୪.୨୬ରେ ଦେଉଳୀସ୍ଥିତ ବନ୍ଦନା ଦୀକ୍ଷୀତଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଜଡ ମଧ୍ୟରେ ମଧ୍ୟ ପ୍ରତିଭାତ ହେବ ଦିବ୍ୟଙ୍କ ଆଲୋକ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୯.୪.୨୬ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ କର୍ମକେନ୍ଦ୍ରଠାରେ ଆୟୋଜିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶ୍ରୀରାମକୃଷ୍ଣ ରଚନା ସଂଗ୍ରହ- ୧ମ ଖଣ୍ଡ" ପୁସ୍ତକ ପାଠକରି ଆଲୋଚନା କରାଯାଇଥିଲା।... ୨୦.୪.୨୬ରେ ଦହିଗାଁସ୍ଥିତ ମୀରାମ୍ବିକା ପାଠଚକ୍ରରେ ରଶ୍ମିତା ପତିଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିଜୟ ଭୂଷଣ ପତି, ବିରଞ୍ଚି ପଦାରବିନ୍ଦ ପତି ଓ ଗାୟତ୍ରୀ ପତି ଯୋଗଦାନ କରିଥିଲେ।... ୨୨.୪.୨୬ରେ ପଟଣାସ୍ଥିତ ମୀରାମ୍ବିକା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ଚନ୍ଦ୍ର ମହାନ୍ତି, ସରୋଜ ନଳିନୀ ପରିଜା, ସୃଷ୍ଟି ସୃଜନିକା ଦାସ ମହାପାତ୍ର ଓ ଶ୍ରେୟାଂଶ ମହାନ୍ତି ଯୋଗଦାନ କରିଥିଲେ।... ୨୩.୪.୨୬ରେ କଦମପଡାସ୍ଥିତ କୈଳାସ ଚନ୍ଦ୍ର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଶଙ୍କର୍ଷଣ ସେନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଶ୍ମିତା ପତି, ନାରାୟଣ ଚନ୍ଦ୍ର ମହାନ୍ତି, ଧର୍ମାନନ୍ଦ ପାଣ୍ଡେ, ସରୋଜନଳିନୀ ପରିଜା, ମଧୁସ୍ମିତା ଜେନା, ନିକୁଞ୍ଜ ବିହାରୀ ମହାନ୍ତି ଓ ଚିନ୍ତାମଣି ସାହୁ ସହଯୋଗ କରିଥିଲେ।... ୨୪.୪.୨୬ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ କର୍ମକେନ୍ଦ୍ରଠାରେ ନବ କିଶୋର ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶ୍ରୀରାମକୃଷ୍ଣ ଦାସ ରଚନା ସଂଗ୍ରହ- ୧ମ ଖଣ୍ଡ" ପୁସ୍ତକ ଆଲୋଚନା କରାଯାଇଥିଲା।... ୩୦.୪.୨୬ରେ

କଳପଡାସ୍ଥିତ ପ୍ରପତ୍ତି ଭବନଠାରେ ପୂଜ୍ୟ ପ୍ରପତ୍ତିଙ୍କ ଜୟନ୍ତୀ ଉତ୍ସବ ଜ୍ୟୋସ୍ନାରାଣୀ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରସାଦ ତ୍ରିପାଠୀ ଓ ସଞ୍ଜୟ କୁମାର ମହାପାତ୍ର (ତଇଲିପଡା) "ପ୍ରପତ୍ତିଙ୍କ ଆଦର୍ଶ" ସମ୍ପର୍କରେ ଆଲୋଚନା କରିଥିଲେ । ଦଳଗତ ଆଲୋଚନାରେ ଇଂ. ରବିନ୍ଦ୍ର କୁମାର ମହାନ୍ତି ତଥା ଅନେକ ମାତୃପ୍ରେମୀ ଅପାଭାଇ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।... ୨.୫.୨୬ରେ ଦରଖାପାଟଣାସ୍ଥିତ ସୁବାସ ଚନ୍ଦ୍ର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅଶୋକ କୁମାର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "Let us live a joyful life" ସମ୍ପର୍କରେ ବ୍ରଜମୋହନ ବେହେରା, ପଦ୍ମଲୋଚନ ପୋଥାଳ ଓ ସମରେନ୍ଦ୍ର ରାଉତ ଆଲୋଚନା କରିଥିଲେ ଏବଂ ପ୍ରସାଦ ତ୍ରିପାଠୀ ଉପସଂହାର କରିଥିଲେ ।... ୭.୫.୨୬ରେ ବୟାଳିଶ ମୌଜାସ୍ଥିତ ମହିଳା ପାଠଚକ୍ର ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର ଜ୍ୟୋସ୍ନାରାଣୀ ଦାଶଙ୍କ ପରିଚାଳନାରେ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜ୍ୟୋସ୍ନାରାଣୀ ଦାଶ "ପ୍ରପତ୍ତି ରଚନାବଳି" ସମ୍ବନ୍ଧରେ ଆଲୋଚନା କରିଥିଲେ ।... ୧୦.୫.୨୬ରେ ଅରୁଣୋଦୟନଗରସ୍ଥିତ କୈଳାସ ଚନ୍ଦ୍ର ରାଉତଙ୍କ ବାସଭବନରେ ଶ୍ରୀମାଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ବାନାମ୍ବର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପ୍ରକୃତ କଷ୍ଟ ସବୁବେଳେ ଆମ ନିଜ ଭିତରେ ଥାଏ" ସମ୍ପର୍କରେ କପିଳାସ ପ୍ରସାଦ ଦାଶ ଓ ସୁଶୀଲ କୁମାର ସ୍ୱାଇଁ ଆଲୋଚନା କରିଥିଲେ ।... ୧୧.୫.୨୬ରେ ଧୂଳୀଶ୍ୱରସ୍ଥିତ ଜ୍ୟୋତି ପ୍ରକାଶ ମନ୍ଦିରଠାରେ ଆଲୋକ କୁମାର ନାୟକଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରବିନ୍ଦ୍ର କୁମାର ନାୟକ, ଶଙ୍କର୍ଷଣ ସେନାପତି, ସଞ୍ଜୟ କୁମାର ମହାପାତ୍ର, ସୁକାନ୍ତ କୁମାର ଚୌଧୁରୀ ଓ ନାରାୟଣ ଚନ୍ଦ୍ର ଶତପଥି ଯୋଗଦାନ କରି "ଏହି ପୃଥିବୀ ହିଁ ହେବ ଭଗବାନଙ୍କ ଆନନ୍ଦର ଧାମ" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୫.୫.୨୬ରେ ଅରୁଣୋଦୟନଗରସ୍ଥିତ ଶୁଭେନ୍ଦୁ କୁମାର ଭାଲ ଓ ନମିତା ଭାଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ବାନାମ୍ବର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ "କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ..." ଓ "ରୂପାନ୍ତର ଯୋଗରେ ନାମଜପ" ସମ୍ପର୍କରେ ପଦ୍ମଲୋଚନ ପୋଥାଳ ଓ ସୁଶୀଲ କୁମାର ସ୍ୱାଇଁ ଆଲୋଚନା କରିଥିଲେ।... ୧୭.୫.୨୬ରେ କଇଥାସ୍ଥିତ ମୀରାମ୍ବିକା ନିଳୟଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅଶୋକ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟ ପରିବାର" ସମ୍ପର୍କରେ ବଂଶୀଧର ରାଉତ, ହରିହର ମଲ୍ଲିକ ଓ ପ୍ରକାଶ କୁମାର ବେହେରା ଆଲୋଚନା କରିଥିଲେ।... ୧୮.୫.୨୬ରେ ରାଣୀହାଟସ୍ଥିତ ମାନସ ରଞ୍ଜନ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚୈତ୍ୟସତ୍ତାର ଆବିଷ୍କାର" ସମ୍ପର୍କରେ ସୁଶାନ୍ତ କୁମାର କର, ପଦ୍ମଲୋଚନ ପୋଥାଳ ଓ ନିଶିଥ ରଞ୍ଜନ ରାଉତ ଆଲୋଚନା କରିଥିଲେ।... ଏପ୍ରିଲ ୨୦, ମେ ୪ ଓ ୧୧ ତାରିଖରେ କଳପଡାସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିର ଆନୁକୂଲ୍ୟରେ ଆୟୋଜିତ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ କାର୍ଯ୍ୟକ୍ରମରେ ଜନ୍ମେଜୟ ଦ୍ୱିବେଦୀ "ଦେବତାର ଶ୍ରମ", "ଲୁକ୍କାୟିତ ପରିକଳ୍ପନା" ଓ "ବୃହତ୍ତର ଯୋଜନା" କବିତା ଆଲୋଚନା କରିଥିଲେ।... ୨୪.୫.୨୬ରେ ଗୋପାଳପୁରସ୍ଥିତ ସତ୍ୟଭାମା ଖୁଣ୍ଟିଆ ଓ ବସନ୍ତ ଖୁଣ୍ଟିଆଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସନ୍ତୋଷ କୁମାର ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟକୃପା", "ମା', ଆମକୁ କିପରି ଗ୍ରହଣ କରନ୍ତି" ଏବଂ "ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ" ସମ୍ପର୍କରେ ଯତିନ୍ଦ୍ର କୁମାର ଦାସ, ବାନାମ୍ବର ମହାନ୍ତି ଓ ସୁଶୀଲ କୁମାର ସ୍ୱାଇଁ ଆଲୋଚନା କରିଥିଲେ।... ୨୪.୫.୨୬ରେ ମାତୃଭବନ, କଟକଠାରେ କଟକ ଜିଲ୍ଲା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକର ସଙ୍ଗଠକ ଓ ସଙ୍ଗଠିକାମାନେ ବ୍ଲକର କାର୍ଯ୍ୟକ୍ରମ ଓ ଦଶକର୍ମଧାରାର ସଙ୍ଗଠକ ଓ ସଙ୍ଗଠକମାନେ କର୍ମଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ଓ ଦଶକର୍ମଧାରାର ସଙ୍ଗଠକ, ସଙ୍ଗଠିକା ତଥା ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟ, ସଭ୍ୟା ଯୋଗଦାନ କରିଥିଲେ।

**କେନ୍ଦୁଝର:–** ୧୯.୪.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କଇନିପୁରାଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

ଗୀତାଞ୍ଜଳି ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ଗୁନଚରଣ ସାହୁ ସ୍ୱାଗତ ଭାଷଣ, "ନୂତନ ସୃଷ୍ଟିରେ ନାରୀର ଭୂମିକା" ଓ "ମହିଳା ମାନଙ୍କର ସାଧନା ହିଁ ପରିବର୍ତ୍ତନର ଚାବିକାଠି" ସମ୍ପର୍କରେ ସଞ୍ଜୁକ୍ତା ପୁସାନ ଓ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ ।... ୨୭.୪.୨୬ରେ ସୁଲତାଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ରାଧାରାଣୀ ଓଝାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "All grace all glory, all divinity were here collected in a single form" ଓ "ଦୁରୁହ ପଥ" ସମ୍ପର୍କରେ ବୃନ୍ଦାବନ ବାଇ ଓ ଧୀରେନ୍ ସାହୁ ଆଲୋଚନା କରିଥିଲେ ।... ୨୯.୪.୨୬ରେ ପୁରୁଣିଆଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଗୁନ ଚରଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିର କପିଳାଶ ପ୍ରସାଦ ଦାଶ, ପ୍ରସାଦ ତ୍ରିପାଠୀ ଓ ରମାକାନ୍ତ ସାହୁ "ମାନବର ଭବିଷ୍ୟତ ଓ ଆଜି ଦିନର ତାତ୍ପର୍ଯ୍ୟ", "ମାର୍ଚ୍ଚ ୨୯ ତାରିଖର ତାତ୍ପର୍ଯ୍ୟ" ଓ "ଶ୍ରୀଅରବିନ୍ଦ ପାଠଚକ୍ର ଆମର ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ତାପସ କୁମାର ନାୟକ ପୂର୍ବାଭାସ ପ୍ରଦାନ କରିଥିଲେ ।... ୨୮.୪.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୁଗୁପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ସନାତନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବ୍ୟଜନନୀ ଶ୍ରୀମା" ଓ "ସାବିତ୍ରୀ" ସମ୍ପର୍କରେ ଧୀରେନ କୁମାର ସାହୁ ଓ ବିଦ୍ୟାଧର କର ଆଲୋଚନା କରିଥିଲେ ।... ୧୦.୫.୨୬ରେ ବେଲବାହାଳୀ ଗ୍ରାମରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ୨ୟ ବାର୍ଷିକୋତ୍ସବ ସୁଦାମ ଚରଣ ସାହୁଙ୍କ ପରିଚାଳନାରେ ପାଳିତ ହୋଇଯାଇଛି । ଏଥିରେ ଅନନ୍ତ ଚରଣ ଖୁଣ୍ଟିଆ, ସବିତାରାଣୀ ମିଶ୍ର ଓ ଗୀତାଞ୍ଜଳୀ ସାହୁ "ସୃଷ୍ଟିର ରହସ୍ୟ", "ଦିବ୍ୟସମାଜ ଗଠନରେ ନାରୀର ଭୂମିକା" ଓ "ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନରେ ନାରୀର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୧.୫.୨୬ରେ ବେଲବାହାଳୀସ୍ଥିତ ଅଲେଖ ଚନ୍ଦ୍ର ସାହୁଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଚୈତ୍ୟସତ୍ତାର ଆବିଷ୍କାର" ସମ୍ପର୍କରେ ବୃନ୍ଦାବନ ବାଇ ଆଲୋଚନା କରିଥିଲେ ।

**କେନ୍ଦ୍ରାପଡ଼ା:-**...୨୪.୪.୨୬ରେ ପଳସିଂହା ତେଲିପାଟଣାସ୍ଥିତ ଅନୁପମା ପୁହାଣଙ୍କ ବାସଭବନରେ ଶ୍ରୀଅରବିନ୍ଦ

ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୬.୪.୨୬ରେ ମଧୁସୂଦନପୁରସ୍ଥିତ ଭାନୁମତୀ ବିହାରୀଙ୍କ ବାସଭବନରେ କେନ୍ଦ୍ରାପଡ଼ା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ ତୃତୀୟ ଖଣ୍ଡରୁ ଉର୍ମିଳା ରାଉତ, ଅଞ୍ଜନା ପ୍ରଧାନ, ବିପିନ ବିହାରୀ କର ଓ ମଳୟ କୁମାର ଜେନା ଆଲୋଚନା କରିଥିଲେ।... ୨୭.୪.୨୬ରେ ଜଗଦେଇପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ରାଜିବ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଗବତୀ ପ୍ରସାଦ ଦାସ, ପ୍ରସାଦ ତ୍ରିପାଠୀ, ଅନାଦି ଚରଣ ସ୍ୱାଇଁ ଓ ଶ୍ରୀକାନ୍ତ ନାୟକ "ଶ୍ରୀଅରବିନ୍ଦଙ୍କ ଦେହାଂଶର ବିଶେଷତ୍ୱ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ଏପ୍ରିଲ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନରିଲୋଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଆଲୋକ ସେନା ଶିବିରର ଦ୍ୱିତୀୟ ବାର୍ଷିକୋତ୍ସବରେ ବ୍ରଜ ମୋହନ ବେହେରା ଓ ପ୍ରଭାତ କୁମାର ନାୟକ ଯୋଗଦାନ କରିଥିଲେ।... ୩୦.୪.୨ରେ ଘରଭଞ୍ଜା କୋହ୍ଲ ଜୟନଗରସ୍ଥିତ ସବିତା ରାଉତଙ୍କ ବାସଭବନରେ ମାତୃକୃପା ପାଠଚକ୍ରର ୨୬ତମ ବାର୍ଷିକ ଉତ୍ସବ ସୁବାଷ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୨.୫.୨୬ରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ରେଣୁବାଳା ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୪ତମ ବାର୍ଷିକ ଉତ୍ସବ ମିନତୀ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୩.୫.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗ ପୀଠ ଖୁରୁଷିଆଠାରେ ସ୍ୱର୍ଗତଃ ସର୍ବେଶ୍ୱର ମହାପାତ୍ରଙ୍କ ୩ୟ ଶ୍ରାଦ୍ଧ ବାର୍ଷିକୀରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୪.୫.୨୬ରେ ବର୍ତ୍ତନୀ ଗ୍ରାମସ୍ଥ କୃଷ୍ଣ ଚନ୍ଦ୍ର ବିଶ୍ୱାଳଙ୍କ ବାସଭବନରେ ଶାଶ୍ୱତ ଜନନୀ ପାଠଚକ୍ରର ୧୭ତମ ବାର୍ଷିକ ଉତ୍ସବ ସମୀର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଏକ ନୂତନ ଜଗତ ଜନ୍ମ ନେଇଛି" ପ୍ରସଙ୍ଗରେ ଶାନ୍ତନୁ ମିଶ୍ର, ସୁଭଦ୍ରା ରାଉତ ଓ ବିନେନ୍ଦ୍ର ରାଉତ ଆଲୋଚନା କରିଥିଲେ।... ୧୧.୫.୨୬ରେ ଗୁଆଳସିଂସ୍ଥିତ ଆଶାଲତା ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଷଷ୍ଠତମ ବାର୍ଷିକ ଉତ୍ସବ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମେ ଜନ୍ମେ

ତୋହରି କାର୍ଯ୍ୟ କରି ତୋ ଆନନ୍ଦ ଧାମରେ ଫେରିଯାଉ” ପ୍ରସଙ୍ଗରେ ସନ୍ତୋଷ କୁମାର ନାୟକ, ନୟନା ବେହେରା ଓ ଅଞ୍ଜନା ପ୍ରଧାନ ଆଲୋଚନା କରିଥିଲେ।... ୧୩.୫.୨୬ରେ ଡେରାବିଶ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର୍‌ସ୍ଥିତ ବ୍ରଜକିଶୋର ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗନ୍ଧର୍ବ ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଚେତନାର ନବ ଜନ୍ମ” ପ୍ରସଙ୍ଗରେ ସନ୍ତୋଷ କୁମାର ନାୟକ, ଉର୍ମିଳା ରାଉତ ଓ ଅଞ୍ଜନା ପ୍ରଧାନ ଆଲୋଚନା କରିଥିଲେ।... ୧୭.୫.୨୬ରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳାସ୍ଥିତ ସ୍ୱର୍ଗତଃ ଅନୁପମା ପଣ୍ଡାଙ୍କ ଦ୍ୱାଦଶାହ ଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରମୋଦ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୨୧.୫.୨୬ରେ ମହାକାଳପଡ଼ାବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ କେନ୍ଦ୍ରୀୟ ପାଠଚକ୍ର ଗୃହଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ରବୀନ୍ଦ୍ର ନାଥ ସୁତାରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ Online ମାଧ୍ୟମରେ ପ୍ରସାଦ ତ୍ରିପାଠୀ ଯୋଗଦାନ କରିଥିଲେ।... ଆଳି ବ୍ଲକ ଅନ୍ତର୍ଗତ ଗିରିବନ୍ଧ ଧରଣୀ ଧର ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ନୟନା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ମୃତ୍ୟୁ ଜୀବନର ଶେଷ ଯାତ୍ରା ନୁହେଁ” ପ୍ରସଙ୍ଗରେ ଉର୍ମିଳା ରାଉତ ଆଲୋଚନା କରିଥିଲେ।

**ଜଗତସିଂହପୁର:-**... ୧୦.୫.୨୬ରେ ଏରସମା ବ୍ଲକ ଅନ୍ତର୍ଗତ ନୂଆଗାଁସ୍ଥିତ ଦିବ୍ୟ ଜନନୀ ପାଠଚକ୍ର ଗୃହଠାରେ କୁଜଙ୍ଗ ୟୁନିଟର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାତୃରଚନାବଳୀ ତୃତୀୟ ଖଣ୍ଡରୁ କିଛି ଅଂଶ ପାଠ କରି ବାସୁଦେବ ରାଉତ ଓ ଅଶୋକ କୁମାର ରାଉତ ଆଲୋଚନା କରିଥିଲେ।

**ଯାଜପୁର:-** ୭.୫.୨୬ରେ ରାଛିପୁର ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୫୫ତମ ବାର୍ଷିକୋତ୍ସବ କୈଳାସ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା”, “ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ” ଓ “ଦିବ୍ୟଜୀବନ” ସମ୍ପର୍କରେ ଜନାର୍ଦ୍ଦନ ଆଗ୍ରର୍ଯ୍ୟ, ବନମାଳୀ ଆଗ୍ରର୍ଯ୍ୟ ଓ ଶାନ୍ତନୁ ମିଶ୍ର ଆଲୋଚନା କରିଥିଲେ।... ୨୩.୫.୨୬ରେ ରଗଡିସ୍ଥିତ ସୁରେନ୍ଦ୍ର କୁମାର ଧଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବନମାଳୀ ଆଗ୍ରର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର ଆମ ସାଧନାର କେନ୍ଦ୍ର" ସମ୍ପର୍କରେ ସାମୁହିକ ଆଲୋଚନା ହୋଇଥିଲା।... ୨.୪.୨୬ରେ ଗନ୍ଧମାସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ର ଗୃହରେ ପଶ୍ଚିମ ଯାଜପୁର ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାତୃ ଅଭିମୁଖୀ ଜୀବନ" ସମ୍ପର୍କରେ ଦେବାନନ୍ଦ ସାହୁ, ଅଜୟ କୁମାର ସାହୁ, ଅଜୟ କୁମାର ସାହୁ, ଗଦାଧର ବେହେରା ଓ ଶାନ୍ତନୁ ମିଶ୍ର ଆଲୋଚନା କରିଥିଲେ ଏବଂ କୈଳାସ ଚନ୍ଦ୍ର କୁଅଁର ଉପସଂହାର କରିଥିଲେ।

### ସଙ୍ଗତି ମଣ୍ଡଳ

**ସମ୍ବଲପୁର:** ୩୦.୪.୨୬ରେ ପୂଜ୍ୟ ଶ୍ରୀ ପ୍ରପତ୍ତିଙ୍କ ଜୟନ୍ତୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରେଢ଼ାଖୋଲଠାରେ ପ୍ରମୋଦା ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲିଙ୍ଗରାଜ ପ୍ରଧାନ ଓ ଗୋପୀନାଥ ଖିଲାରୀ "ପ୍ରପତ୍ତିଙ୍କ ଜୀବନୀ" ଏବଂ "ଓଡିଶାରେ ପ୍ରପତ୍ତିଙ୍କ କାର୍ଯ୍ୟ" ବିଷୟରେ ଆଲୋଚନା କରିଥିଲେ। ବୀରେନ୍ଦ୍ର ସିଂ ଏକ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ।... ୨.୫.୨୬ରେ ଧାନକାଉଡାସ୍ଥିତ ଫକୀରମୋହନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରୁଣ କୁମାର "ଉପନିଷଦ- ଶ୍ରୀଅରବିନ୍ଦ" ବିଷୟରେ ଆଲୋଚନା କରିଥିଲେ।

**ସମର୍ପଣ:-**

**ମାଲକାନଗିରି:-** ୩୦.୪.୨୬ରେ ମାଲକାନଗିରିସ୍ଥ ଭାସ୍କର ରାଓଙ୍କ ବାସଭବନରେ ପୂଜ୍ୟ ପ୍ରପତ୍ତିଙ୍କ ଜନ୍ମଦିବସ ତଥା ପୂର୍ଣ୍ଣାଙ୍ଗ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଜୟାନନ୍ଦ ଦାସ "ପ୍ରପତ୍ତିଙ୍କ ଜୀବନୀ" ଓ "ପୂର୍ଣ୍ଣାଙ୍ଗ ଶିକ୍ଷା ଦିବସର ବିଶେଷତ୍ୱ" ସମ୍ପର୍କରେ ଆଲୋଚନା କରିଥିଲେ।

**କୋରାପୁଟ:-** ୨.୫.୨୬ରେ ବୋରିଗୁମ୍ମାସ୍ଥିତ ଅଦିତି ଆରୋହୀ ଶ୍ରୀଅରବିନ୍ଦ ସାଧନ କେନ୍ଦ୍ରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ମନୋଜ ପଣ୍ଡା ଅଂଶଗ୍ରହଣ କରିଥିଲେ।... ୪.୫.୨୬ରେ ବୋରିଗୁମ୍ମା ଜଳସେଚନ ବସତିଠାରେ ଗୀତାଞ୍ଜଳୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ର ଓ ମାଣିକେଶ୍ୱରୀ ମାର୍ଗସ୍ଥିତ ଅଞ୍ଜଳି ସାହୁଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଅଜୟ କୁମାର ପଲେଇ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦେବାଦେବୀଙ୍କ ପୂଜା" ଏବଂ "ଶ୍ରୀଅରବିନ୍ଦଙ୍କ ଶିକ୍ଷା ଓ ସାଧାରଣ ଶିକ୍ଷା" ବିଷୟରେ ଆଲୋଚନା

କରିଥିଲେ।... ୫.୫.୨୬ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ହୃଦୟର ଡେଣା ଅଛି" ବିଷୟରେ ଆଲୋଚନା କରିଥିଲେ।... ୫.୫.୨୬ରେ ବ୍ରାହ୍ମଣସାହିସ୍ଥିତ ଦୀପକ ପ୍ରହରାଜଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବସନ୍ତ କୁମାର ପଟ୍ଟନାୟକ "ଏକମାତ୍ର ବାସ୍ତବ ଫଳପ୍ରଦ ମନୋଭାବ" ବିଷୟରେ ଆଲୋଚନା କରିଥିଲେ।... ୭.୫.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୁନାବେଡା-୩ଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଅଜୟ କୁମାର ପଲେଇ "ପୂର୍ଣ୍ଣାଙ୍ଗ ଶିକ୍ଷା" ବିଷୟରେ ଆଲୋଚନା କରିଥିଲେ।... ୧୫.୫.୨୬ରେ ଜାନିଗୁଡାସ୍ଥିତ ଭାରତୀ କଲୋନୀଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ନାମଜପ" ବିଷୟରେ ସାମୁହିକ ଆଲୋଚନା ହୋଇଥିଲା।... ୧୬.୫.୨୬ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଦିବ୍ୟ ଜୀବନ କିପରି ବଞ୍ଚିବା" ବିଷୟରେ ସାମୁହିକ ଆଲୋଚନା କରଯାଇଥିଲା।... ୧୭.୫.୨୬ରେ ନବରଙ୍ଗପୁର ମାତୃ ପରିବାରର ଜଣେ ସକ୍ରିୟ ସଦସ୍ୟା ଶ୍ରୀମତୀ ଉଷା ରାଣୀ ଓ ତାଙ୍କ କନ୍ୟା ସୌମ୍ୟାଙ୍କ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦେହାନ୍ତ ହୋଇଥିବା ଖବର ଶୁଣି କୋରାପୁଟ ଜିଲ୍ଲାର ସମସ୍ତ ମାତୃ କର୍ମୀ ଶୋକ ପ୍ରକାଶ କରିବା ସହ ଦିବଙ୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ମା'ଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ।... ୧୯.୫.୨୬ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ଭଲ ଗପଟିଏ କୁହ" ବିଷୟରେ ଆଲୋଚନା କରିଥିଲେ।... ୨୦.୫.୨୬ରେ ଅନ୍‌ଲାଇନ୍ ମାଧ୍ୟମରେ କୋରାପୁଟ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ପ୍ରତାପ କୁମାର ଦେଓ୍ୱାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ଜୁଲାଇ କର୍ମୀ ସମ୍ମିଳନୀ ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।... ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରତାପ କୁମାର ଦେଓ୍ୱାନ ଓ ମମତା ନାୟକ "ଶିକ୍ଷା ପ୍ରସଙ୍ଗ" ଏବଂ "ଶରୀର ଓ ତା'ର ସମ୍ଭାବନା" ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ସମତା ମଣ୍ଡଳ

**ସୁନ୍ଦରଗଡ:–** ଏପ୍ରିଲ ୨୧ ରୁ ମେ ୧୯ ତାରିଖ ପର୍ଯ୍ୟନ୍ତ ବିଜାଡିହ, ବଡଖଲିଆ, ବାଲିଚୂଆ, ଖୁଟମୁଣ୍ଡା, ଝୁରିମାଲ,

ବେନିଡିପା, ଗନ୍ଧପୁର, ଝୁଲେନଡିହି, ଦିଆମୁଣ୍ଡା, ଝରିଆପାଲି, ବରପାଲି, ଝୁଟିମାଲ, ଗରଗଡ୍‌ବାହାଲ, ବେନିଡିପା, ବର୍ତ୍ତନକେଲା ଆଦି ସ୍ଥାନମାନଙ୍କରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସୁଦାମ ଚରଣ ପଟେଲ ଓ ଦିପଶ ପଟେଲ ଅଂଶଗ୍ରହଣ କରିଥିଲେ ।

●

The first word of the supramental Yoga is surrender; its last word also is surrender.

(12/167) **- Sri Aurobindo**

ଅତିମାନସ ଯୋଗର ପ୍ରଥମ ଶବ୍ଦଟି ହେଉଛି ସମର୍ପଣ ଏବଂ ଏହାର ଶେଷ ଶବ୍ଦଟି ମଧ୍ୟ ସମର୍ପଣ ।

**- ଶ୍ରୀଅରବିନ୍ଦ**

# ଶ୍ରୀଅରବିନ୍ଦ ପାଠଚକ୍ର ଜିଲ୍ଲା କର୍ମୀ ସମ୍ମିଳନୀ - ୨୦୨୬

ମହାଶୟ,

ଶ୍ରଦ୍ଧା ଓ ସମ୍ମାନ ଗ୍ରହଣ କରିବେ। ସବୁ ବର୍ଷ ପରି ଚଳିତ ବର୍ଷ ମଧ ଆସନ୍ତା ଜୁଲାଇ ମାସରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଦିବସମାନଙ୍କରେ ଭିନ୍ନ ଭିନ୍ନ ଜିଲ୍ଲାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସର୍ବଶ୍ରୀ ପ୍ରସାଦ ତ୍ରିପାଠୀ, କପିଳାସ ପ୍ରସାଦ ଦାଶ ଏବଂ ବ୍ରଜମୋହନ ବେହେରା ଯୋଗଦେବେ। ଏହି ସମ୍ମିଳନୀଗୁଡ଼ିକ ସମୟ ଓ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ହେବା ନିହାତି ଆବଶ୍ୟକ। ଅନୁରୋଧ, ଆପଣ ଆପଣଙ୍କ ଅଞ୍ଚଳର ସମସ୍ତ ବ୍ଲକ୍, ସବ୍‌ଡ଼ିଭିଜନ ଏବଂ ଦଶକର୍ମଧାରାର ବିବରଣୀ ସହିତ ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ବିବରଣୀ ସଂଗ୍ରହ କରି ସମ୍ମିଳନୀରେ ପ୍ରଦାନ କରିବେ। ଦୟାକରି ସମ୍ମିଳନୀ ସମୟ ପୂର୍ବାହ୍ନ ୯.୩୦ରୁ ଅପରାହ୍ନ ଗୋଟାଏ ମଧ୍ୟରେ ସୀମିତ ରଖିବେ।

## କାର୍ଯ୍ୟକ୍ରମ

| କ୍ର.ନଂ. | ତାରିଖ ଓ ବାର | ଜିଲ୍ଲା | ସମ୍ମିଳନୀ ସ୍ଥାନ |
|---|---|---|---|
| ୧. | ୦୧.୦୭.୨୦୨୬ (ବୁଧବାର) | ଢେଙ୍କାନାଳ | ଢେଙ୍କାନାଳ |
| ୨. | ୦୨.୦୭.୨୦୨୬ (ଗୁରୁବାର) | ଅନୁଗୁଳ | ଅନୁଗୁଳ |
| ୩. | ୦୩.୦୭.୨୦୨୬ (ଶୁକ୍ରବାର) | ସମ୍ବଲପୁର | ସମ୍ବଲପୁର |
| ୪. | ୦୪.୦୭.୨୦୨୬ (ଶନିବାର) | ବରଗଡ଼ | ବରଗଡ଼ |
| ୫. | ୦୫.୦୭.୨୦୨୬ (ରବିବାର) | ଝାରସୁଗୁଡ଼ା | ଝାରସୁଗୁଡ଼ା |
| ୬. | ୦୬.୦୭.୨୦୨୬ (ସୋମବାର) | ସୁନ୍ଦରଗଡ଼ | ରାଜଗାଙ୍ଗପୁର |
| ୭. | ୦୭.୦୭.୨୦୨୬ (ମଙ୍ଗଳବାର) | ଦେବଗଡ଼ | ଦେବଗଡ଼ |
| ୮. | ୦୮.୦୭.୨୦୨୬ (ବୁଧବାର) | କେନ୍ଦୁଝର | କେନ୍ଦୁଝର |
| ୯. | ୦୯.୦୭.୨୦୨୬ (ଗୁରୁବାର) | ମୟୂରଭଞ୍ଜ | ବାରିପଦା |
| ୧୦. | ୧୦.୦୭.୨୦୨୬ (ଶୁକ୍ରବାର) | ବାଲେଶ୍ୱର | ବାଲେଶ୍ୱର |
| ୧୧. | ୧୧.୦୭.୨୦୨୬ (ଶନିବାର) | ଭଦ୍ରକ | ଚରମ୍ପା |
| ୧୨. | ୧୨.୦୭.୨୦୨୬ (ରବିବାର) | ଯାଜପୁର | ପାଣିକୋଇଲି |
| ୧୩. | ୧୩.୦୭.୨୦୨୬ (ସୋମବାର) | କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା |
| ୧୪. | ୧୪.୦୭.୨୦୨୬ (ମଙ୍ଗଳବାର) | ଜଗତ୍‌ସିଂହପୁର | ଜଗତ୍‌ସିଂହପୁର |
| ୧୫. | ୧୫.୦୭.୨୦୨୬ (ବୁଧବାର) | ପୁରୀ | ପୁରୀ |
| ୧୬. | ୧୬.୦୭.୨୦୨୬ (ଗୁରୁବାର) | ଖୋର୍ଦ୍ଧା | ଖଣ୍ଡଗିରି |
| ୧୭. | ୧୭.୦୭.୨୦୨୬ (ଶୁକ୍ରବାର) | ନୟାଗଡ଼ | ନୟାଗଡ଼ (ରାଜବାଟୀ) |
| ୧୮. | ୧୮.୦୭.୨୦୨୬ (ଶନିବାର) | କନ୍ଧମାଳ | ଫୁଲବାଣୀ |
| ୧୯. | ୧୯.୦୭.୨୦୨୬ (ରବିବାର) | ବୌଦ୍ଧ | ବୌଦ୍ଧ |
| ୨୦. | ୨୦.୦୭.୨୦୨୬ (ସୋମବାର) | ସୁବର୍ଣ୍ଣପୁର | ସୋନପୁର |
| ୨୧. | ୨୧.୦୭.୨୦୨୬ (ମଙ୍ଗଳବାର) | ବଲାଙ୍ଗୀର | ପାଟଣାଗଡ଼ |
| ୨୨. | ୨୨.୦୭.୨୦୨୬ (ବୁଧବାର) | ନୂଆପଡ଼ା | କୋମନା |
| ୨୩. | ୨୩.୦୭.୨୦୨୬ (ଗୁରୁବାର) | କଳାହାଣ୍ଡି | ଭବାନୀପାଟଣା |
| ୨୪. | ୨୪.୦୭.୨୦୨୬ (ଶୁକ୍ରବାର) | ନବରଙ୍ଗପୁର | ନବରଙ୍ଗପୁର |
| ୨୫. | ୨୫.୦୭.୨୦୨୬ (ଶନିବାର) | ମାଲକାନଗିରି | ବାଲିମେଳା |
| ୨୬. | ୨୬.୦୭.୨୦୨୬ (ରବିବାର) | କୋରାପୁଟ | କୋରାପୁଟ |
| ୨୭. | ୨୭.୦୭.୨୦୨୬ (ସୋମବାର) | ରାୟଗଡ଼ା | ରାୟଗଡ଼ା (ବାରିଝୋଲା) |
| ୨୮. | ୨୮.୦୭.୨୦୨୬ (ମଙ୍ଗଳବାର) | ଗଜପତି | ପାରଳାଖେମୁଣ୍ଡି |
| ୨୯. | ୨୯.୦୭.୨୦୨୬ (ବୁଧବାର) | ଗଞ୍ଜାମ | ବ୍ରହ୍ମପୁର |
| ୩୦. | ୩୦.୦୭.୨୦୨୬ (ଗୁରୁବାର) | କଟକ | କଟକ |

*ବିନୀତ*

**ଅନାଦି ଚରଣ ସାଇଁ**

THE MATRUBHABAN PATRA
Date of Publication 19.06.2026 JUNE 2026
RNI Regn. No. 65218/91 Registered OR/CK (C) -22/2024-26

# ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତାମାନଙ୍କୁ ଏକ ବିନୀତ ଅନୁରୋଧ

ସମ୍ମାନାସ୍ପଦ ଭାଇ/ଭଉଣୀମାନେ,

ନମସ୍କାର ନେବେ। ଆପଣମାନେ ଜାଣିଥିବେ ଜୁଲାଇ ମାସଟି ଗତ ଅନେକ ବର୍ଷ ଧରି ଓଡ଼ିଶାରେ ଶ୍ରୀଅରବିନ୍ଦ ଆନ୍ଦୋଳନର ସାଙ୍ଗଠନିକ ମାସ ଭାବରେ ପରିଚିତ। ଏହି ମାସର ପ୍ରତ୍ୟେକ ଦିନ ଓଡ଼ିଶାର କୌଣସି ନା କୌଣସି ଜିଲ୍ଲାରେ ସେ ଜିଲ୍ଲାର ସାଙ୍ଗଠନିକ ଦିବସ ପାଳନ ହୁଏ। ଶ୍ରୀଅରବିନ୍ଦ ପାଠଚକ୍ର ଆମ ସକଳ କାର୍ଯ୍ୟକ୍ରମର ଭିତ୍ତି ହୋଇଥିବାରୁ ଏବଂ ଆମେ ସମସ୍ତେ ସଙ୍ଗଠନ ସହିତ ସିଧାସଳଖ ସମ୍ପୃକ୍ତ ଥିବାରୁ, ଏଥିରେ ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟସଭ୍ୟା ଓ ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତ୍ୟେକ ଅପା ଭାଇ ଏବଂ ପରିଚାଳନା ସମିତିର ସବୁ ଅପା ଭାଇ ନିଶ୍ଚିତ ଭାବରେ ଯୋଗଦେବା ଆବଶ୍ୟକ। ଏ ସମ୍ପର୍କରେ ନବଜୀବନ ଶିକ୍ଷା ସଂସଦ ବୈଠକରେ ମଧ୍ୟ ସିଦ୍ଧାନ୍ତ ହୋଇସାରିଛି।

ଅନୁରୋଧ, **ଆପଣମାନେ ଉକ୍ତ ଦିନଟିକୁ ଆପଣଙ୍କ ବାର୍ଷିକ କ୍ୟାଲେଣ୍ଡରରେ ଛୁଟି ଘୋଷଣା କରି ସ୍କୁଲ ବନ୍ଦ ରଖିବେ ଏବଂ ସବୁ ଅପାଭାଇମାନଙ୍କ ସହିତ ସମସ୍ତେ ନିଶ୍ଚୟ ସାଙ୍ଗଠନିକ ସଭାରେ ଯୋଗଦେବେ।** ଏହି ପତ୍ରଟିକୁ ଦୟାକରି ଗୁରୁତ୍ୱ ଦେବେ।

ପ୍ରକାଶଥାଉକି, ଆସିବାପୂର୍ବରୁ ନିଜ ନିଜ ସ୍କୁଲ ସମ୍ପର୍କରେ ମଗାଯାଇଥିବା ବାର୍ଷିକ ବିବରଣୀ ଆପଣଙ୍କ ଜିଲ୍ଲା ସଙ୍ଗଠକଙ୍କ ନିକଟକୁ ନିଶ୍ଚୟ ପଠାଇବେ ଏବଂ ଗୋଟିଏ କପି ସଙ୍ଗରେ ଧରି ଆସିଥିବେ।

ଆପଣମାନଙ୍କର

**ବାବୁଲି ଭାଇ**

**ବି.ଦ୍ର:** ଆପଣଙ୍କ ବିଦ୍ୟାଳୟକୁ ନବପ୍ରକାଶ, ନବଜ୍ୟୋତି ଏବଂ ମାତୃଭବନ ପତ୍ରର ଆଜୀବନ ଗ୍ରାହକଭୁକ୍ତ କରିବା ସହିତ ପ୍ରତ୍ୟେକ ଅପା/ଭାଇ ତଥା ଛାତ୍ରଛାତ୍ରୀଙ୍କୁ ନବପ୍ରକାଶର ତଥା ନବଜ୍ୟୋତିର ବାର୍ଷିକ ଗ୍ରାହକ କରାଇବା ପାଇଁ ଅନୁରୋଧ କରୁଅଛି।

**ଆଜୀବନ ଗ୍ରାହକ ଚାନ୍ଦା**

ନବପ୍ରକାଶ -୧୫୦୦.୦୦ ନବଜ୍ୟୋତି - ୮୦୦.୦୦ ମାତୃଭବନ ପତ୍ର- ୧୦୦୦.୦୦

**ବାର୍ଷିକ ଗ୍ରାହକ ଚାନ୍ଦା**

ନବପ୍ରକାଶ -୧୫୦.୦୦ ନବଜ୍ୟୋତି - ୮୦.୦୦ ମାତୃଭବନ ପତ୍ର - ୫୦.୦୦

**ପ୍ରତିଷ୍ଠାତା – ଗଦାଧର ମିଶ୍ର** **ପରିଚାଳନା – ପ୍ରସାଦ**

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.
E-mail : matrubhaban@gmail.com Please visit us at : www.motherorissa.com